ଧରିତ୍ରୀ
DHARITRI
October 15-21, 2023 ₹ 2/-

# ଛୁଟିଦିନ



## କଥାର ନାଁ

# କାଶତଣ୍ଡୀ

ପ୍ରଚ୍ଛଦ ପ୍ରସଙ୍ଗ

୩

ସେ ଆସିଲେ ହିଁ ପାର୍ବଣ ପାର୍ବଣ ମହକେ ଚତୁର୍ଦ୍ଦିଗ। ଚାରିଆଡ଼େ ଖେଳିଯାଏ ଉତ୍ସାହର ବାତାବରଣ। ନିଜ ଅପରୂପ ସୌନ୍ଦର୍ଯ୍ୟରେ ସମସ୍ତଙ୍କ ମନ ମୋହିପାରେ କେବଳ ସେ! କାଶତଣ୍ଡୀ।

## ସ୍ନାନ ପରେ କ'ଣ କରିବେ

**ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ସକାଳେ ସ୍ନାନ କରି ସାରିବା ପରେ ଏମିତି କିଛି ବିଶେଷ କାମ ରହିଛି; ଯାହାକୁ କରିବା ଦ୍ୱାରା ଘରେ ସୁଖଶାନ୍ତି ବଢ଼ିବା ସହ ଧନ ମଧ୍ୟ ବୃଦ୍ଧି ହୋଇଥାଏ। ଯେମିତିକି:**

* ପ୍ରତିଦିନ ସ୍ନାନ କରି ସାରିବା ପରେ ସୂର୍ଯ୍ୟ ନମସ୍କାର କରି ନିଜର ଇଷ୍ଟଦେବଙ୍କୁ ପବିତ୍ର ମନରେ ଆରାଧନା କଲେ ମନକୁ ଶାନ୍ତି ମିଳିବା ସହ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି।
* ତା'ପରେ ତୁଳସୀ ଚଉଁରାରେ ଜଳ ଦେଇ ମୁଣ୍ଡିଆ ମାରିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି।
* ଏସବୁ କାର୍ଯ୍ୟ ପରେ ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ଆର୍ଥିକ ସ୍ଥିତି ସୁଧୁରିଥାଏ ବୋଲି ଲୋକବିଶ୍ୱାସ ରହିଛି।



* ଅନ୍ୟପକ୍ଷେ ସ୍ନାନ ପରେ ହଳଦୀ ପାଣି ବି ଘରସାରା ଛିଞ୍ଚିଲେ ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବୃଦ୍ଧି ପାଇଥାଏ ବୋଲି କୁହାଯାଏ।
* ସେହିପରି ସ୍ନାନ ପରେ ଘରେ ଲୁଣପାଣି ବି ଛିଞ୍ଚିଲେ ଘରୁ ନକାରାତ୍ମକ ଉର୍ଜା ନଷ୍ଟ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି।
* ସ୍ନାନ ପରେ ଘରେ ଯେଉଁ ରୋଷେଇ କରାଯାଏ, ସେଥିରୁ କିଛି ଗାଈଙ୍କୁ ଖାଇବାକୁ ଦେଲେ ଶୁଭ ହୋଇଥାଏ। ସୁଖସମୃଦ୍ଧି ବୃଦ୍ଧି କରିବାରେ ଏହା ଅନେକ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୧୫-୨୧**

**ମେଷ**: ବୈଷୟିକ ଅଭିବୃଦ୍ଧି, ବ୍ୟବସାୟିକ ସଫଳତା, ବନ୍ଧୁଙ୍କ ସୌହାର୍ଦ୍ଦ୍ୟ, ସାହାଯ୍ୟ ସହଯୋଗ, ନୂତନ କର୍ମାରମ୍ଭ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା, ନିର୍ମାଣର ଶେଷପର୍ଯ୍ୟାୟ, ବିବାଦୀୟ ପରିସ୍ଥିତି, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପାରିବାରିକ ସୌଖ୍ୟ, ଋଣ ପରିଶୋଧ ।।

**ବୃଷ**: କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ଦୈହିକ ସୁସ୍ଥତା, ପରୋକ୍ଷ ସମାଲୋଚନା, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ଆଶଙ୍କା ଦୂର ହେବ, ନୂତନ ମିତ୍ରତା, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ପ୍ରଶାସନିକ ତତ୍ପରତା, ବାଣିଜ୍ୟରେ ପ୍ରତିବନ୍ଧକ, ଦୂରଯାତ୍ରାର ପ୍ରସ୍ତୁତି ।।

**ମିଥୁନ**: ମାନସିକ ଦ୍ୱନ୍ଦ୍ୱ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ଭ୍ରାତୃସମ୍ପର୍କ ହ୍ରାସ, ପାରିବାରିକ ଅସ୍ଥିରତା, ବନ୍ଧୁଙ୍କ ସାହାଯ୍ୟ, କୈଫିୟତ୍ ତଲବ, ସଭାସମିତିରୁ ପ୍ରଶଂସା, ମୂଲ୍ୟବାନ ଦ୍ରବ୍ୟ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, କଳାସାହିତ୍ୟରେ ସମ୍ମାନ ।।

**କର୍କଟ**: ସାହସିକ ପଦକ୍ଷେପ, ଅର୍ଥନୈତିକ ଅଭିବୃଦ୍ଧି, ଆନୁଷ୍ଠାନିକ ବ୍ୟସ୍ତତା, ବାସ୍ତବଧର୍ମୀ ଯୋଜନା, ଆତ୍ମୀୟଙ୍କ ବେଖାତିର, କାର୍ଯ୍ୟସିଦ୍ଧି, ବ୍ୟବସାୟିକ ଉନ୍ନତି, ଧର୍ମକାର୍ଯ୍ୟ କରିବେ ।।

**ସିଂହ**: କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଗୌରବ ବୃଦ୍ଧି, ବନ୍ଧୁମିଳନ, ନୂତନ ମିତ୍ର ଲାଭ, ସଭାସମିତିରେ ସମ୍ମାନ, ଆର୍ଥିକ ପ୍ରଗତି, ଯାନବାହନ କ୍ରୟ, ଟେନସନ୍ ଦୂର ହେବ, ମନୋରଞ୍ଜନରେ ରୁଚି, ସୁସ୍ଥ ମାନସିକତା, ଖର୍ଚ୍ଚ ପରିମାଣ ବୃଦ୍ଧି ।।

**କନ୍ୟା**: କାର୍ଯ୍ୟସିଦ୍ଧି, ଅର୍ଥସଂକଟ ଦୂରେଇବ, ଯାତ୍ରାରେ ସଫଳତା, ସମ୍ପର୍କୀୟଙ୍କ ସାହାଯ୍ୟ, ଭ୍ରମଣ ସୁଯୋଗ ଲାଭ, ସମସ୍ୟା ସମାଧାନ, ଧନହାନୀରୁ ମନସ୍ତାପ, ପଡୋଶୀଙ୍କ କଳହ, ପରୋକ୍ଷ ଶତ୍ରୁତା, ଋଣ କରିବେ, ଜମିଜମା କାରବାର ।।

**ତୁଳା**: ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥ ସଂକଟ, ସ୍ଥଗିତ କର୍ମାରମ୍ଭ, କାର୍ଯ୍ୟବ୍ୟସ୍ତତା, ଧର୍ମାନୁଷ୍ଠାନରେ ସହଯୋଗ, ମନୋବଳ ବୃଦ୍ଧି, ଆଶା ପୂରଣ, ଦୂରଯାତ୍ରାରେ ସଫଳତା, ମିତ୍ରବନ୍ଧୁ ମିଳନ,ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ କୃତିତ୍ୱ ।।

**ବିଛା**: କାର୍ଯ୍ୟ ହାସଲରେ ବାଧା, ବନ୍ଧୁଙ୍କ ସାହାଯ୍ୟ, ସ୍ୱାସ୍ଥ୍ୟରେ ପରିବର୍ତ୍ତନ, ପ୍ରଶାସନିକ ସଫଳତା, କଳାରେ ସମ୍ମାନ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ପାରିବାରିକ ସୌଖ୍ୟ, ମିତ୍ରତା, ବୃଦ୍ଧି, ତୀର୍ଥାଟନ କରିପାରନ୍ତି ।।

**ଧନୁ**: ଯାତ୍ରାରେ ସଫଳତା, ସମସ୍ୟା ସମାଧାନ, ଭ୍ରମଣ ସୌଖ୍ୟ, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସିଦ୍ଧି, ସଙ୍ଗୀତ ଶିକ୍ଷା, କ୍ରୀଡାରେ ସଫଳତା, ପଡୋଶୀଙ୍କ ପ୍ରତିବାଦ, ବିବାଦ ବଢ଼ିପାରେ, ମନଭାରାକ୍ରାନ୍ତ ରହିବ ।।

**ମକର**: ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ, ଆର୍ଥିକ ଉନ୍ନତି, ସମ୍ମାନିତ ହେବେ, ଧନହାନୀ ଘଟିପାରେ, ଯାନବାହନ ଲାଭ, ସରକାରୀ ସାହାଯ୍ୟ, ବନ୍ଧୁ ସମ୍ପର୍କ ହ୍ରାସ, ନେତୃତ୍ୱରୁ ପ୍ରଶଂସା, ପାରିବାରିକ ବିଶୃଙ୍ଖଳା, ରୋଗପୀଡା କମିବ ।।

**କୁମ୍ଭ**: ସୁଯୋଗ ହରାଇବେ, ଶାନ୍ତି ବ୍ୟାହତ ହେବ, କର୍ମକ୍ଷେତ୍ରରେ ଶତ୍ରୁତା ବୃଦ୍ଧି, କାର୍ଯ୍ୟସିଦ୍ଧି ଅବସମ୍ଭାବୀ, ବନ୍ଧୁଙ୍କ ବଦାନ୍ୟତା, ଟେନସନ୍ କମିଯିବ, ଶୁଭ ଖବରପ୍ରାପ୍ତି, ଅନିଦ୍ରାଜନିତ ପୀଡା, ପାରିବାରିକ ସଦ୍‌ଭାବ, ଋଣ ପରିଶୋଧ ।।

**ମୀନ**: ଅର୍ଥଲାଭ, ସନ୍ତୁଳିତ ମନ, ଦ୍ୱନ୍ଦ୍ୱର ଅବସାନ, କର୍ମକ୍ଷେତ୍ରରେ ଗୌରବ, ଦକ୍ଷତା ବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ଗୃହସଜ୍ଜା ପ୍ରତି ଆଗ୍ରହ, ବାଣିଜ୍ୟରେ ଉନ୍ନତି, ପରୋକ୍ଷ ଶତ୍ରୁତା , ସନ୍ଦେହମନା ହେବେ, ଯାତ୍ରାରେ ସଫଳତା, ବନ୍ଧୁ ମିଳନ ।।

# ସ୍ୱପ୍ନରେ ଭଗବାନ

ଯାହା ଆମେ ଚିନ୍ତା କରୁ କିମ୍ବା ମନ ଭିତରେ ଯେଉଁ କଥାକୁ ନେଇ ସବୁବେଳେ ଭାବୁଥାଉ, ତାହା ହିଁ ସ୍ୱପ୍ନ ମାଧ୍ୟମରେ ଆମେ ଦେଖିଥାଉ ବୋଲି ଅନେକଙ୍କ ବିଶ୍ୱାସ ରହିଛି। କିନ୍ତୁ ଏହା କେତେ ଦୂର ସତ ତାହା କହିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। କେବେକେବେ ଆମେ ଦେଖୁଥିବା ସ୍ୱପ୍ନ ସମ୍ପୂର୍ଣ୍ଣ ନିରର୍ଥକ ହୋଇଥାଏ ତ କେବେକେବେ ଆମକୁ କିଛି ଈଶ୍ୱରୀୟ ସଙ୍କେତ ବା ସନ୍ଦେଶ ମିଳିଥାଏ। ଯେମିତିକି ସ୍ୱପ୍ନରେ ଭଗବାନଙ୍କୁ ଦେଖିବା। ଏହା ଆମକୁ କିଛି ଭିନ୍ନ ସଙ୍କେତ ଦେଇଥାଏ ବୋଲି ସ୍ୱପ୍ନଶାସ୍ତ୍ରରେ କୁହାଯାଇଛି। ଯଥା: ସ୍ୱପ୍ନରେ ଭଗବାନ ବିଷ୍ଣୁଙ୍କୁ ଦେଖିଲେ ଭାଗ୍ୟୋଦୟର ସଙ୍କେତ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଭଗବାନ ରାମଙ୍କୁ ସ୍ୱପ୍ନରେ ଦେଖିଲେ ସତ୍‌ମାର୍ଗରେ ଚାଲିବା ତଥା ସଫଳତା ପ୍ରାପ୍ତିର ସଙ୍କେତ ମିଳିଥାଏ ବୋଲି ମାନ୍ୟତା ରହିଛି। ମାତା ଲକ୍ଷ୍ମୀଙ୍କୁ ସ୍ୱପ୍ନରେ ଦେଖିବା ସ୍ୱପ୍ନଶାସ୍ତ୍ରରେ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଥାଏ। ଏହା ଅର୍ଥପ୍ରାପ୍ତିକୁ ଦର୍ଶାଇଥାଏ। ପ୍ରଭୁ ହନୁମାନଙ୍କୁ ସ୍ୱପ୍ନରେ ଦେଖିବା ଭୟ/କଷ୍ଟରୁ ଦୂର ତଥା ଶତ୍ରୁତାରୁ ମୁକ୍ତି ପାଇବାର ସୂଚନା ଦେଇଥାଏ।



ଭଗବାନ କୃଷ୍ଣଙ୍କୁ ସ୍ୱପ୍ନରେ ଦେଖିଲେ ପ୍ରେମ ସମ୍ବନ୍ଧରେ ସଫଳତା ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି। ସେହିପରି ଦୁର୍ଗା ମା'ଙ୍କୁ ସ୍ୱପ୍ନରେ ଦେଖିବା ସୁସ୍ୱାସ୍ଥ୍ୟ ଏବଂ ମାତା ସରସ୍ୱତୀଙ୍କୁ ସ୍ୱପ୍ନରେ ଦେଖିବା ଶିକ୍ଷା କ୍ଷେତ୍ରରେ ସଫଳତା ପାଇବାର ସନ୍ଦେଶ ମିଳିଥାଏ ବୋଲି ସ୍ୱପ୍ନଶାସ୍ତ୍ରରେ ଉଲ୍ଲେଖ ରହିଛି।

## ପାଠକୀୟ

* ଗାନ୍ଧୀ ଚରିତ୍ରରେ ଅଭିନୟ ହିଁ ତାଙ୍କୁ ଦେଇଛି ପରିଚୟ। କିଏ ନାଟକରେ ଗାନ୍ଧୀ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ତ କିଏ ବାର୍ନିସ ବୋଲି ହୋଇ ରାସ୍ତାରେ ଚାଲିଛନ୍ତି। ଗାନ୍ଧୀ ଚରିତ୍ରରେ ନିଜକୁ ସଜାଇ ପ୍ରଶଂସା ସାଉଁଟୁଥିବା କିଛି ଅଭିନେତାଙ୍କୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅଭିନୟରେ ଗାନ୍ଧୀ' ଏକ ନିଆରା ଆଲେଖ୍ୟ ଥିଲା। 'ଘଣ୍ଟାକୁ ନେଇ ବାସ୍ତୁ', 'ଶଙ୍ଖର ମହତ୍ତ୍ୱ' ଆଦି ପାଠଗୁଡ଼ିକରୁ ବହୁ ଅଜଣା କଥା ଜାଣିହେଲା।

***– ଦୀନବନ୍ଧୁ ମହାରଣା, ବାସେଳୀ ସାହି, ପୁରୀ***

* ଦେଶକୁ ସ୍ୱାଧୀନ କରିବାରେ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନର ମାର୍ଗ ସାରା ବିଶ୍ୱବାସୀଙ୍କୁ ପ୍ରଭାବିତ କରିଥିଲା। ଆଜି ବି କିଛି ଲୋକ ଅଛନ୍ତି, ଯେଉଁମାନେ ତାଙ୍କ ନୀତି ଓ ଆଦର୍ଶକୁ ଅନୁକରଣ କରି ନିଜର ଅଭିନୟ ମାଧ୍ୟମରେ ଲୋକଙ୍କ ମନ ଜିଣିବାକୁ ଚେଷ୍ଟା କରୁଛନ୍ତି। ସେମିତି କେତେଜଣ ଗାନ୍ଧୀ ଅଭିନେତାଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମନଛୁଆଁ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କଳାକାର, ଶିକ୍ଷାବିତ୍, ଗାଳ୍ପିକ ଓ ସଂସ୍କୃତିପ୍ରେମୀ ଡ. ତାପସ କୁମାର ସାମନ୍ତରାୟଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

***– ପୁଷ୍ପଲତା ସ୍ୱାଇଁ, ସମ୍ବଲପୁର***

* ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରେମକଥା' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା। 'ଲଘୁଚାପ', 'ଶାନ୍ତିର କଥା' ଶୀର୍ଷକ କବିତା ଦୁଇଟି ବି ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଶ୍ରୀମାନ୍ ଶ୍ରୀଯୁକ୍ତ', 'ପ୍ରଶଂସିକା ହେବ ତ ଏମିତି', 'ଅକ୍ଷୟଙ୍କ ପୁରୁଣା ଅଭ୍ୟାସ', 'ସୋନାକ୍ଷୀଙ୍କ ନୂଆ ଆଇଡିଆ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ଲାଗୁଥିଲା।

***– ଶ୍ରୀମୟୀ କର, ସୁନ୍ଦରଗଡ଼***

* ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ ଡା. ସିଦ୍ଧାର୍ଥ ଷଡ଼ଙ୍ଗୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ମନଛୁଆଁ ହୋଇଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ କଟନ୍ ଫ୍ୟାଶନ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ଯୁଗ୍ମା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***– ସୀମାଞ୍ଚଳ ସାହୁ, ଝାରସୁଗୁଡ଼ା***

* ବିବିଧା ପୃଷ୍ଠାରୁ 'ଇନ୍ଦ୍ରଧନୁ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। 'ନାମ୍ ମେଁ କ୍ୟା ରଖା ହୈ' ଶୀର୍ଷକ ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଚେହେରାକୁ କରିବ ୟଙ୍ଗ', 'ହାଇଡ୍ରୋମ୍ୟାନ', 'ଲୋଲିତା ପୋଷାକରେ ଯାଆନ୍ତି ଅଫିସ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା।

***– ଦିଲ୍ଲୀପ ଦାସ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା***

## ବିଶେଷ ଚିଠି




ଅଭିନୟରେ ଗାନ୍ଧୀ ହୋଇଥିଲା ଚମତ୍କାର
ପ୍ରଚ୍ଛଦରେ ଆସିଥିଲା ନେଇ କେତେ ସମ୍ଭାର।
ବ୍ୟକ୍ତିତ୍ୱରୁ ଜାଣିଲି ସଂସ୍କୃତିପ୍ରେମୀ ତାପସଙ୍କ ବିଷୟରେ
ସାଥୀର ନିଆରା ଅନୁଭୂତି ଖେଳିଗଲା ମୋ ମନରେ।
କଟନ୍ ଫ୍ୟାଶନ ବି ଲାଗୁଥିଲା ଭାରି ବଢ଼ିଆ
ସିନେମା ପୃଷ୍ଠାଟି ମଧ୍ୟ ହୋଇଥିଲା ଆଖିଦୃଶିଆ।
ଛୁଟିଦିନର ପ୍ରତି ପୃଷ୍ଠା ସତରେ ଲାଗେ ସ୍ୱତନ୍ତ୍ର
ସେଥିପାଇଁ ଖୁସି ହୋଇଯାଏ ମୋ ମନ ଭିତର।

***– ସୁଷମା ପ୍ରଧାନ, ବରମୁଣ୍ଡା, ଭୁବନେଶ୍ୱର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# କଥାର ନାଁ କାଶତଣ୍ଡୀ

**ସେ ଆସିଲେ ହିଁ ପାର୍ବଣ ପାର୍ବଣ ମହକେ ଚତୁର୍ଦ୍ଦିଗ। ଚାରିଆଡ଼େ ଖେଳିଯାଏ ଉତ୍ସାହର ବାତାବରଣ। ନିଜ ଅପରୂପ ସୌନ୍ଦର୍ଯ୍ୟରେ ସମସ୍ତଙ୍କ ମନ ମୋହିପାରେ କେବଳ ସେ! କାଶତଣ୍ଡୀ।**

ନା ପ୍ରବଳ ବର୍ଷା, ନା ପ୍ରଚଣ୍ଡ ଖରା, ନା ଥାଏ ବି ଛାତିଥରା ଶୀତ। ଏଇମାତ୍ର ଯାଇ ସାରିଥାଏ ବର୍ଷା ଆଉ ତା' ଯିବା ପରେ ପରେ ଧରାପୃଷ୍ଠକୁ ଆସିସାରିଥାଏ ଶରତ। ସବୁଜ ରଙ୍ଗର ପାଟଶାଢ଼ି ପିନ୍ଧି ଚିକ୍ ଚିକ୍ କରୁଥାଏ ପୃଥିବୀ। ଆଉ ଏହି ସବୁଜ ଶାଢ଼ିର ଶୁଭ୍ର ଧଡ଼ି ପରି ପ୍ରତୀୟମାନ ହେଉଥାଏ ସୁନ୍ଦରୀ କାଶତଣ୍ଡୀ। କାଶତଣ୍ଡୀରେ ସଜାଇ ହୋଇଥିବା ଧରିତ୍ରୀର ଏଇ ରୂପ କାହାକୁ ବି ଆନମନା କରିଦିଏ। ସତ କହିଲେ, ଏମିତି କିଏ ନାହିଁ ଯେ କାଶତଣ୍ଡୀର ସୌନ୍ଦର୍ଯ୍ୟରେ ମୁଗ୍ଧ ନ ହୋଇଛି, ମନ ଭିତରେ କାଶତଣ୍ଡୀର ଆକାଶଛୁଆଁ ତଲ୍ଲୀନତାରେ ଅନ୍ୟମନସ୍କ ନ ହୋଇଛି। ଲୋକକଥା କହେ, ଗୋଟିଏ ରାଜ୍ୟରେ ଥିଲେ ଜଣେ ଖୁବ୍ ସୁନ୍ଦର ରାଜକୁମାର। ତାଙ୍କର ଶିକାର କରିବାର ସଉକ ଥିଲା। ପ୍ରତିଦିନ ଜଙ୍ଗଲକୁ ଶିକାର କରିବାକୁ ଯାଇ ଫେରିବାବେଳେ ଜଙ୍ଗଲ ନିକଟରେ ଥିବା ଏକ ନଦୀକୂଳରେ ବିଶ୍ରାମ ନିଅନ୍ତି। ଦିନେ ସେ ନଦୀକୂଳରେ ଶୁଭ୍ର ବସ୍ତ୍ର ପରିହିତା ଜଣେ ଅପରୂପ ଯୁବତୀଙ୍କୁ ଦେଖନ୍ତି। ରାଜକୁମାର ଏକତରଫା ତାଙ୍କ ପ୍ରେମରେ ପଡିଯାନ୍ତି। ଖବର ନେଇ ଜାଣନ୍ତି ଯେ, ଯୁବତୀ ଜଣଙ୍କ ହେଉଛନ୍ତି ସେହି ନଦୀକୂଳିଆ ଗାଁ ପାଖରେ ରହୁଥିବା ଏକ ଦଳିତ ପରିବାରର ଝିଅ କାଶତଣ୍ଡୀ। କେତେଦିନ ପରେ ରାଜକୁମାର କାଶତଣ୍ଡୀକୁ ନିଜ ମନକଥା କୁହନ୍ତି, ସେତେବେଳକୁ କାଶତଣ୍ଡୀ ବି ଭଲ ପାଇ ବସିଥାଏ ରାଜକୁମାରଙ୍କୁ। ପ୍ରତିଦିନ ନଦୀ ପଠାରେ ରାଜକୁମାର ଯାଇ ଭେଟୁଥାନ୍ତି କାଶତଣ୍ଡୀକୁ। ସେମାନଙ୍କ ପ୍ରେମର କଥା ପହଞ୍ଚେ ରାଜାଙ୍କ ପାଖରେ। ଖୁବ୍ ରାଗିଯାନ୍ତି ରାଜା। ଏପଟେ ସେମାନଙ୍କ ପ୍ରେମର ନିବିଡ଼ତା ବଢୁଥିବାବେଳେ ରାଜା ଚିନ୍ତା କରୁଥିଲେ ସେମାନଙ୍କୁ କିଭଳି ଅଲଗା କରିବେ। ଦିନେ ରାଜା ସୈନ୍ୟସାମନ୍ତ ପଠାନ୍ତି ନଦୀପଠାକୁ ରାଜକୁମାରଙ୍କୁ ଫେରାଇ ନେବାକୁ। କିନ୍ତୁ ରାଜକୁମାର ମନା କରିଦିଅନ୍ତି। କାଶତଣ୍ଡୀଙ୍କୁ ନ ନେଇ ସେ ରାଜଉଆସ ଯିବେନି। ରାଜା ଶେଷରେ ଆଦେଶ ଦିଅନ୍ତି ଦୁହିଁଙ୍କୁ ଜୀବନ୍ତ କବର ଦେବାକୁ। ଏକଥାରେ ରାଜକୁମାର ରାଜି ହୋଇଯାନ୍ତି। କିନ୍ତୁ କାଶତଣ୍ଡୀ ରାଜକୁମାରଙ୍କୁ ରାଣ ଦେଇ ବୁଝାନ୍ତି ରାଜଉଆସ ଫେରି ଯିବାକୁ। ରାଜକୁମାର ତଥାପି ରାଜି ନ ହେବାରୁ ସୈନ୍ୟସାମନ୍ତ ତାଙ୍କୁ ଜବରଦସ୍ତ ନେଇଯାନ୍ତି। ରାଜକୁମାର ଯିବା ପରେ ଆତ୍ମହତ୍ୟା କରନ୍ତି କାଶତଣ୍ଡୀ। ଏହାପରେ କିନ୍ତୁ ରାଜକୁମାର ଆଉ ବିବାହ କରନ୍ତିନି। କାଶତଣ୍ଡୀକୁ ଝୁରିଝୁରି ପ୍ରତିଦିନ ନଈପଠାରେ ଯାଇ ବସନ୍ତି। କୁହାଯାଏ, କାଶତଣ୍ଡୀର ଅତୃପ୍ତ ଆତ୍ମା ଗଣେଶ ପୂଜା ପରେ ପରେ ଶରତ ଋତୁର ଆଗମନରେ ଧରାପୃଷ୍ଠକୁ ଆସିଥାଏ ଓ ଶରତ ଫେରିଯିବା ସହ ସେ ବି ଫେରିଯାଇଥାଏ। ସେବେଠାରୁ ପାର୍ବଣଋତୁରେ ପୂଜା ଓ ପବିତ୍ରତାର ରୂପ ଧରି ପ୍ରେମର ବାର୍ତ୍ତା ଦେଉଛି କାଶତଣ୍ଡୀ। ଆଉ ଜଗତକୁ କରୁଛି ପ୍ରେମମୟ। ଯେଉଁ ପ୍ରେମରୁ ଆଜି ବି କେହି ମୁକୁଳି ପାରିନାହାନ୍ତି। ସେମିତି କେତେଜଣଙ୍କ ମୁହଁରୁ କାଶତଣ୍ଡୀକୁ ନେଇ ତାଙ୍କ କଥା...


**କାଶତଣ୍ଡୀର ମୋହ** (ଅଲେଖ ଚନ୍ଦ୍ର ମିଶ୍ର, ଲେଖକ ଓ ସ୍ତମ୍ଭକାର)

କାଶତଣ୍ଡୀ ବା ଖଡ଼ିଫୁଲ କଥା ମନେପଡ଼ିଲେ ମନ ଆପେ ଟାଣି ହୋଇଯାଏ କାହିଁ କେଉଁ ଦୂର ଅତୀତକୁ ଯାହାର ସ୍ମୃତି ଏବେ ଲିଭି ଲିଭି ଆସିଲାଣି । ଚତୁର୍ମାସ୍ୟାରେ ହିଁ ଫୁଟିଥାଏ ଏହି କାଶତଣ୍ଡୀ ଫୁଲ। ଏହି ସମୟରେ ପଡୁଥିବା ଅନେକ ପର୍ବପର୍ବାଣି ମଧ୍ୟରେ ଖୁଦୁରୁକୁଣୀ ଓଷା ମାସବ୍ୟାପୀ ପାଳନ ହୁଏ। ମୋର ନାନୀ ଓ ସାହିର ଝିଅମାନେ ମିଳିମିଶି ଏହି ଓଷା କରନ୍ତି। ଖୁଦୁରୁକୁଣୀ ମୂର୍ତ୍ତି ଓ ମଣ୍ଡପକୁ ସଜେଇବା ପାଇଁ ଖଡ଼ିଫୁଲ ନିହାତି ଦରକାର। କିନ୍ତୁ ଗାଁ ଭିତରେ(ଆମ ଗାଁ କେନ୍ଦ୍ରାପଡ଼ା ଜିଲାର କରିଲୋପାଟଣା) ତ ସେ ଫୁଲ ମିଳେନା। ନଈପଠା, ପୋଖରୀ ହୁଡ଼ା, ବେଣା ପଡିଆ, ଖଡିବୁଦା, ଟାଙ୍ଗରା ଭୂଇଁ, ବାଲି ବା ପଥୁରିଆ ମାଟି ଏହି ସବୁ ଜାଗାରେ ସେ ଫୁଲ ଫୁଟେ। ସେଥିପାଇଁ କିଛି ଦୂରକୁ ଯିବାକୁ ପଡ଼େ । ଭୋର୍‌ରୁ ନ ଗଲେ ଫୁଲ ଆଉ ମିଳିବନି । ସେଥିପାଇଁ ପୂର୍ବ ଦିନ ରାତିରୁ ଯୋଜନା କରାଯାଏ। ଯାହାର ନିଦ ଆଗ ଭାଙ୍ଗିବ ସେ ଅନ୍ୟମାନଙ୍କୁ ଉଠେଇ ଦେବ। ଆଙ୍କୁଡ଼ି, ଦାଆ, ଟୋକେଇ ଏ ସବୁ ପ୍ରସ୍ତୁତ ହୋଇ ରହିଥାଏ । ରାତି କେମିତି ପାହିବ ମନ ଛକ ଛକ ହେଉଥାଏ। ସେଥିରେ ପୁଣି ଭୂତ କାଳେ ଡାକିଦେବ ସେ ଭୟ । ତାରି ଭିତରେ ରାତି ପାହିବା ପୂର୍ବରୁ ପାଞ୍ଚ ସାତ ଜଣ ସାଙ୍ଗ ହୋଇ ବାହାରିପଡୁ। ଫୁଲ ପାଇବା ପାଇଁ ପ୍ରତିଯୋଗିତାରେ ସବୁ କିଛି ଭୁଲିଯାଉ। ଫୁଲ ତୋଳି ସାରି ଫେରିଲା ବେଳକୁ ଖରା ପଡି ଯାଇଥାଏ। ସମସ୍ତେ ଉଠି ଯାଇଥାନ୍ତି। ଗାଳି ଶୁଣିବାକୁ ପଡ଼େ । କିନ୍ତୁ ତାକୁ ଆମର ଖାତିର ନ ଥାଏ। ସେଦିନ ଛୁଟି ଥିବାରୁ ଆମର ଆନନ୍ଦ କହିଲେ ନ ସରେ। ଏମିତି ମାସସାରା ଚାରି ହେଉ କିମ୍ବା ପାଞ୍ଚ ପାଳି ପର୍ଯ୍ୟନ୍ତ ଖଡ଼ିଫୁଲ ପାଇଁ ଆମର ଉତ୍କଣ୍ଠା ଲାଗି ରହେ । କାରଣ ଅନ୍ୟ ଯେତେ ଫୁଲ ଥିଲେ ବି ଖଡ଼ିଫୁଲର ସ୍ଥାନ କେହି ନେଇ ପାରନ୍ତି ନାହିଁ । ଓଷା ସରିଯାଏ । କାଶତଣ୍ଡୀ ଫୁଲ ସେମିତି ଫୁଟୁଥାଏ । ହେଲେ ଆଉ ତାକୁ କେହି ତୋଳନ୍ତିନି। କିନ୍ତୁ ତା'ର ଶୋଭାର ସମ୍ଭାର ଅପନ୍ତରିଆ ସ୍ଥାନକୁ ବି ଆକର୍ଷଣୀୟ କରିଦିଏ।

**କାଶତଣ୍ଡୀ କେବେ ମୋ କ୍ୟାମେରାରେ କେବେ ମୋ କାନ୍‌ଭାସ୍‌ରେ** – *ଡ. ସସ୍ମିତା କମିଳା (ଚିତ୍ରକର)*

ଆଶ୍ୱିନ ଆସିଲେ ଆମେ ବୁଝୁ 'ମା'ଙ୍କର ଧରାକୁ ଆଗମନ କରିବାର ସମୟ ପାଖେଇ ଆସିଲା। ମନ ଭିତରେ ଗୋଟେ ଆଦେଶ ଆସିଯାଏ। ପିଲାବେଳୁ ଆଜି ପର୍ଯ୍ୟନ୍ତ ଇଏ ଗୋଟେ ନିଆରା ଅନୁଭବ ହୋଇ ରହିଯାଇଛି। ଭାଦ୍ରବର ଅନ୍ତରାଳେ ଆଶ୍ୱିନର ଆରମ୍ଭରେ ଚାଷଜମିର ହିଡ଼ରୁ ଆରମ୍ଭ କରି ରାସ୍ତାକଡ଼ ପୋଖରୀ ଓ ନଦୀପଠାରେ ଦେଖିବାକୁ ମିଳେ କାଶତଣ୍ଡୀର ସମ୍ଭାର ; ଯାହା ମନ ଭିତରେ ଗୋଟେ ନୂଆ ଉନ୍ମାଦନା ଜାଗ୍ରତ କରାଇଦିଏ। ମୁଁ ପିଲାବେଳୁ କାଶତଣ୍ଡୀ ଫୁଲ ସହିତ ଖୁବ୍ ପରିଚିତ। କାରଣ ମୋ ଗାଁ ଚୋରମରା ହେଉଛି ସୁବର୍ଣ୍ଣରେଖା ନଦୀ କୂଳରେ। ଆମେ ସାଙ୍ଗ ଓ ଭଉଣୀମାନେ ମିଶି ଯେତେବେଳେ ନଦୀପଠାକୁ ସନ୍ଧ୍ୟାରେ ବୁଲିବା ପାଇଁ ଯାଉ ସେତେବେଳେ ଲଣ୍ଡା ପଠାଟି କାଶତଣ୍ଡୀ ଫୁଲରେ ହସୁଥାଏ। ଆମମାନଙ୍କର ସନ୍ଧ୍ୟା ବେଳଟା ଜମିଯାଏ। ତା'ପରେ ସେଠାରୁ କିଛି ଫୁଲ ଆଣି ତାକୁ ଘର ସଜାଇବା ଓ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ତିଆରି କରିବା କାମରେ ଲାଗିପଡୁ। ଗୋଟେ ଚିତ୍ରକର ହିସାବରେ କାଶତଣ୍ଡୀକୁ ନେଇ ମୋ ଭିତରେ ଭାବ ଆଉ ଟିକେ →




ଅଲେଖ ଚନ୍ଦ୍ର ମିଶ୍ର


ଡ. ପରେଶ କୁମାର ପଣ୍ଡା


ଡ. ସସ୍ମିତା କମିଲା


କାମଦେବ ମହାରଣା


ସୁବ୍ରତ କୁମାର ସେନାପତି


ଚିନ୍ମୟ ରଞ୍ଜନ ମିଶ୍ର

ନିବିଡ଼ ହୋଇଛି । କେତେବେଳେ କାନ୍‌ଭାସ୍‌ରେ ତ କେତେବେଳେ କ୍ୟାମେରାରେ ତା'ର ସୌନ୍ଦର୍ଯ୍ୟକୁ ମୁଁ ବାନ୍ଧି ରଖିବାରେ ଖୁବ୍ ଆନନ୍ଦ ପାଏ । ସତ କହିଲେ ଆଶ୍ୱିନରେ ତା'ର ଏହି ସୌନ୍ଦର୍ଯ୍ୟ ଦେଖିଲେ ମନରେ ଏକ ଅପୂର୍ବ ଶିହରଣ ଖେଳିଯିବା ସହ ନୂଆ ଚିନ୍ତାଚେତନା ଉଦ୍ରେକ ହୁଏ ।

**କାଶତଣ୍ଡୀ କଥା:** *ଡ. ପରେଶ କୁମାର ପଣ୍ଡା,*
*(ସହକାରୀ କୃଷି ନିର୍ଦ୍ଦେଶକ)*

କାଶତଣ୍ଡୀ ଫୁଲ ଦେଖିବାକୁ ଖୁବ୍ ଆକର୍ଷଣୀୟ । ବର୍ଷାଋତୁର ଅନ୍ତିମ ସମୟ ବେଳକୁ ଏହା ଫୁଟିଥାଏ । ଜୁନ୍ ଓ ଜୁଲାଇ ବେଳକୁ ଅର୍ଥାତ୍ ପ୍ରଥମ ବର୍ଷା ପରେ ପରେ ଏହି ଗଛ ଦେଖାଯାଏ । ଏହା ବଢ଼ିବା ନିମନ୍ତେ ୨୨ରୁ ୩୪ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ଆବଶ୍ୟକ । ଯେକୌଣସି ମୃତ୍ତିକାରେ ଏହା ବଢ଼ିପାରେ । ଏହାର ଅନେକ ଔଷଧୀୟ ଗୁଣବତ୍ତା ବି ରହିଛି । ବହୁ ପୂର୍ବରୁ ଏହାକୁ ପାରମ୍ପରିକ ଔଷଧଭାବେ ବ୍ୟବହାର କରାଯାଉଥିଲା । ଏହି ଗଛ ବହୁତ ମଜଭୁତ ହୋଇଥିବାରୁ ଏହାକୁ ଗାଲିଚା, ଦଉଡ଼ି ଓ ବିଭିନ୍ନ ସାଜସଜ୍ଜା ସାମଗ୍ରୀ ସହ କାଗଜ ତିଆରିରେ ମଧ୍ୟ କଞ୍ଚାମାଲ ରୂପେ ବ୍ୟବହାର କରାଯାଏ । ଭାରତ ବ୍ୟତୀତ ପାକିସ୍ତାନ, ନେପାଳ, ବାଂଲାଦେଶ ଏବଂ ଭୁଟାନରେ ଏହା ଦେଖିବାକୁ ମିଳିଥାଏ ।

**ମୋତେ ଆନମନା କରେ କାଶତଣ୍ଡୀ**

*–ସୁବ୍ରତ କୁମାର ସେନାପତି*
*(ସହକାରୀ ଅଧ୍ୟାପକ, ପୁଷ୍ପ ଓ ଭୂଭାଗ ଦୃଶ୍ୟ ଉଦ୍ୟାନ ବିଭାଗ)*

କାଶତଣ୍ଡୀର ଶୁଭ୍ର ଚାମରରେ ପୃଥିବୀ ସ୍ୱାଗତ କରେ ମହାମାୟାଙ୍କୁ । ଏ ସମୟ ମୋ ପରି ଫୁଲପ୍ରେମୀ, ପୁଷ୍ପ ବିଭାଗର ଅଧ୍ୟାପକ ଓ କବିଙ୍କୁ ଖୁବ୍ ଆନମନା କରେ । ଯେଉଁ କାଶତଣ୍ଡୀର ନାନ୍ଦନିକତାକୁ ନେଇ କବିଟିଏ କେତେକ'ଣ ଭାବିପାରେ ପ୍ରକୃତରେ ସେ କାଶତଣ୍ଡୀ ଏକ ଆଳଙ୍କାରିକ ପୁଷ୍ପ ନୁହେଁ ବରଂ ଏକ ପ୍ରକାରର ଘାସ ; ଯାହା ବନ୍ୟ ଆଖୁ ବା କାଶ ଫୁଲ ଭାବେ ମଧ୍ୟ ପରିଚିତ । ଏହାର ଫୁଲକୁ ତାଳପତ୍ରରେ କଲମ ଭାବେ ପୁରାତନ କାଳରେ ବ୍ୟବହାର କରାଯାଉଥିଲା । କାଶତଣ୍ଡୀର ଉଚ୍ଚତା ପ୍ରାୟତଃ ତିନି ମିଟର ପାଖାପାଖି ହୋଇଥାଏ । ଏହା ଏକ ବାରମାସୀ ଘାସ ଯାହାର ଜନ୍ମସ୍ଥଳୀ ହେଉଛି ଭାରତ ଓ ଏହାର ବଂଶବିସ୍ତାର ମୁଖ୍ୟତଃ ରାଇଜୋମ ଦ୍ୱାରା ହିଁ ହୋଇଥାଏ ଓ ଏହା ଘାସ ପରିବାରରେ ଅନ୍ତର୍ଭୁକ୍ତ । ଶ୍ୱାସ ଓ ମୂତ୍ର ଜାତୀୟ ସମସ୍ୟା, ପୋଡ଼ାଜଳା, ଅର୍ଶ, ଖାଦ୍ୟ ରୁଚି ବଢାଇବା ଆଦି ସମସ୍ୟାରେ ଆୟୁର୍ବେଦ ଚିକିତ୍ସାରେ ଏହାକୁ ମୁଖ୍ୟତଃ ବ୍ୟବହାର କରାଯାଏ । ତେଣୁ କାଶତଣ୍ଡୀ କେବଳ ସୋନ୍ଦର୍ଯ୍ୟର ଗନ୍ତାଘର ନୁହଁ ବରଂ ଅସରନ୍ତି ଔଷଧୀୟ ଗୁଣର ବାହକ ମଧ୍ୟ ।

***ମା'ଙ୍କ ସଖୀ ସହୋଦରୀ କାଶତଣ୍ଡୀ***

*–କାମଦେବ ମହାରଣା (କବି)*

ଶ୍ରାବଣର ମେଘଳ ଆର୍ଦ୍ର ପରିବେଶକୁ ପୋଛିପାଛି ଶରତ ଆସିଲେ ଆକାଶରେ ଭାସିଯାଏ ଧଳା ବାଦଲର ବୋଇତ । ଗ୍ରାମ୍ୟପଥ ଧାରେଧାରେ ପ୍ରକୃତି ପାଗଳ ମନ ଗହୀର ଭିତର ବିଲ ହୁଡ଼ାରେ ଦେଖେ କାଶଫୁଲ । ଶରତ ଆକାଶର ନିର୍ମଳ ନୀଳିମାକୁ ଭାରି ମାନେ କାଶତଣ୍ଡୀର ରୌପ୍ୟ ଧବଳ ହସ । ଶରତ ସୌଭାଗ୍ୟ ଆଉ ସମ୍ଭାବନାର ଋତୁ । ନିର୍ମଳ ଆଉ ପବିତ୍ରତା ସହିତ ନାନାପୂଜା ପାର୍ବଣ ଭିତରେ କାଶତଣ୍ଡୀ ଫୁଲ ଲାଗେ ସତେ ଯେପରି ଧରଣୀ ରାଣୀର ନିର୍ମଳ ପବିତ୍ର ହାସ୍ୟରେଖା । କେତେବେଳେ କାଶତଣ୍ଡୀ ପ୍ରଣୟ ବିଭୋର ପ୍ରେମିକ ଆଖିରେ ତା' ପ୍ରଣୟିନୀର ମଧୁର ପବିତ୍ର ହାସ୍ୟରେଖା ତ କେବେ ମିଳନ ପିପାସୀ ଦଗ୍ଧ ମନରେ ଶୁଭ୍ର ଚନ୍ଦନର ଶୀତଳ ପ୍ରଲେପ । ପୁଣି କେବେ ତା' ଆଖିରେ କାଶତଣ୍ଡୀ ମୁଣ୍ଡ ହଲା ନାଚ ସତେ ଯେପରି ପ୍ରେମିକାର ମଧୁର ଆମନ୍ତ୍ରଣ । କବିର କବିତା କହେ –

''ତୋ ଆଖିରେ କାଶତଣ୍ଡୀ
ଠାରେ ମତେ ରହିରହି
ମିଳନ ବିଭୋର ପାଗଳ ମନ ମୋ
ଏ ଡାକରେ ରହିପାରେ ନାହିଁ ।''

ଶରତର ଅନ୍ତ ପର୍ବରେ ଆସେ ମା' ଦୁର୍ଗାଙ୍କ ଆବାହନୀ ଉତ୍ସବ । ପୌରାଣିକ ଉପାଖ୍ୟାନ ଅନୁସାରେ କାଶତଣ୍ଡୀ ଫୁଲମାନେ କୁଆଡ଼େ ଦେବୀଙ୍କ ସଖୀ– ସହଦୋରୀ । ମା' ଆସିବେ ବୋଲି ସେମାନେ ପୃଥିବୀକୁ ସଜେଇବାକୁ ପ୍ରଥମେ ଆସନ୍ତି ।

***ଚାଷ ଓ ପାର୍ବଣର ପ୍ରତୀକ କାଶତଣ୍ଡୀ–*** *ଚିନ୍ମୟ ରଞ୍ଜନ ମିଶ୍ର (ସହକାରୀ ବୈଷୟିକ ପରିଚାଳକ)*

କାଶତଣ୍ଡୀ ଫୁଲର ଚାମର ଧରି ଧରଣୀ ଜଗଜ୍ଜନନୀ ମା' ଦୁର୍ଗାଙ୍କ ଧରାବତରଣ ପାଇଁ ପ୍ରସ୍ତୁତ ହୁଏ । ଆକାଶରେ ଖଣ୍ଡ ଖଣ୍ଡ ଧଳା ମେଘ, ମାଟିସାରା ଫୁଲର ଗାଲିଚା । ମଝିରେ ମଝିରେ କାଶତଣ୍ଡୀର ଅପରୂପ ଶୋଭା ପ୍ରକୃତିକୁ ଆହୁରି ସୁନ୍ଦର କରିଦିଏ । ଅଶିଣ ମାସର କ୍ଷେତରେ ଧାନ କେଣ୍ଡା ଗର୍ଭଣା ବେଳକୁ ଗର୍ଭ ସଞ୍ଚାର କରିଥାଏ । ଲୋକ ମୁଖରେ କୁହା କୁହି ହୁଅନ୍ତି ''ଆଗେ ବୁଣ, ପଛେ ବୁଣ, ଗର୍ଭଣାକୁ ଟୁଣ୍ଣୁ ଟୁଣ୍ଣୁ'' । ଚାଷୀ ଆଶା ବାନ୍ଧି ବସିଥାଏ ଗଣ୍ଡେ ମିଳିଲେ ବର୍ଷ ସାରା ଆହାର ପାଇଯିବ ଜଗତକୁ ମଧ୍ୟ ଯୋଗାଇବ । କାଶତଣ୍ଡୀ ଫୁଲ ଏକ ପ୍ରତୀକ ଆମ ଚାଷ ଏବଂ ପାର୍ବଣର । ମୃତ୍ତିକା ସଂରକ୍ଷଣ ପାଇଁ ମଧ୍ୟ କାଶତଣ୍ଡୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାଶତଣ୍ଡୀକୁ ଅନ୍ୟ ଅର୍ଥରେ ଚଢ଼େୟା ବୋଲି ମଧ୍ୟ କହନ୍ତି । ଭାଦ୍ରବ କୃଷ୍ଣ ପକ୍ଷ ପଞ୍ଚମୀ ଦିନ କାଶତଣ୍ଡୀ ପୂଜା ଆମ ପରମ୍ପରାର ଏକ ବଳିଷ୍ଠ ନିଦର୍ଶନ । ପଞ୍ଚମୀର ନାମ ରେଖା ପଞ୍ଚମୀ । ଏହି ଦିନ 'ଘଣ୍ଟା କର୍ଣ୍ଣ ମହାବୀର'ଙ୍କୁ ଘରର ଦ୍ୱାରବନ୍ଧରେ ପୂଜା କରାଯାଏ । କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ନିମନ୍ତେ ଧାନବିଲ ମଝିରେ ଏହାର ଡାଳକୁ ପୋତିବା ଫଳରେ ଛୋଟ ଚଢେଇମାନେ ବସି କାଣ୍ଡବିନ୍ଧା ସହ ବିଭିନ୍ନ କୀଟଙ୍କୁ ଖାଇଥାନ୍ତି । କହିବାକୁଗଲେ କାଶତଣ୍ଡୀ କେବଳ ତା'ର ସୌନ୍ଦର୍ଯ୍ୟ ପାଇଁ ନୁହେଁ ଆମ ପରମ୍ପରା ଓ ସଂସ୍କୃତିରେ ବି ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି ।

ସତରେ ପାର୍ବଣର ବାର୍ତ୍ତା ନେଇ ଆସୁଥିବା କାଶତଣ୍ଡୀର ସୌନ୍ଦର୍ଯ୍ୟ କାହାକୁ ବା ପ୍ରେମରେ ନ ପକାଇଛି । ପ୍ରେମିକ, କବି, ଚିତ୍ରକର ହୁଅନ୍ତୁ କି ସାଧାରଣ ମଣିଷ କାଶତଣ୍ଡୀକୁ ଦେଖିଲେ କିଏ ବା ବିଭୋର ନ ହୋଇଛି । ଆଃ ! କାଶତଣ୍ଡୀ ! ତା'ର ନାଁ ହିଁ ଯଥେଷ୍ଟ ।

**–ରୋଜାଲିନ ମହାନ୍ତି**



# ଗୀତାଙ୍କ ସଙ୍ଗୀତ ଦୁନିଆ

**'ଆ ମୋ ପାଖକୁ ଆ ଧନମଣୀ...', 'ଆରେ ସପନ ପକ୍ଷୀ..' ଆଦି ଗୀତ ଗାଇ ସେ କୁନି କୁନି ପିଲାଙ୍କ ଆଖିରେ ନିଦ ଭରି ଦିଅନ୍ତି। ରୋମାଣ୍ଟିକ ଗୀତ ଗାଇ ଯୁବପିଢିଙ୍କୁ ମତୁଆଲା କରି ଦିଅନ୍ତି। ଆଉ ଯେବେ ଭଜନ ଗାଆନ୍ତି ଭକ୍ତିର ଅମୃତ ଧାରା ବହିଯାଏ। ଦୀର୍ଘ ୪୭ ବର୍ଷର ତାଙ୍କ ସଙ୍ଗୀତ ଯାତ୍ରା। ତଥାପି ସେ ଗୀତ ଗାଇ ଚାଲିଛନ୍ତି। ସେ ହେଉଛନ୍ତି ସମସ୍ତଙ୍କର ଅତି ପ୍ରିୟ ଗାୟିକା ଗୀତା ଦାଶ। ଏଥର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ତାଙ୍କ ଜୀବନର କିଛି ଫର୍ଦ୍ଦ..**



**ପିଲାଦିନ:** ଆମ ଗାଁ ହେଉଛି ନୟାଗଡ। ହେଲେ ବାପା (ହରିହର ମିଶ୍ର) ତହସିଲଦାର ଥିବାରୁ ତାଙ୍କ ବଦଳି ଅନୁସାରେ ଆମେ ବିଭିନ୍ନ ଜାଗାରେ ରହୁଥିଲୁ। ନରସିଂହପୁରରେ କିନ୍ତୁ ମୋ ଜୀବନର ଅଧିକାଂଶ ସମୟ ବିତିଛି। ଛୋଟବେଳେ ମୁଁ ବହୁତ ଦୁଷ୍ଟ ଓ ଚୁଲବୁଲି ଥିଲି। ଆଚାର ଚୋରି କରିବାକୁ ମତେ ବହୁତ ଭଲ ଲାଗୁଥିଲା। ଆଉ ଧରାପଡ଼ିଲେ ମୋ ବୋଉର ରାଗିକି ରୀନା ରୀନା ଡାକିବା ତ ଏବେ ବି ମୋର ମନେପଡେ।

**କଟକଣା ସତ୍ତ୍ୱେ ଆରମ୍ଭ ହେଲା ସଙ୍ଗୀତ ଯାତ୍ରା:** ୩ ବର୍ଷ ବୟସରୁ ମୁଁ ଗୀତ ଗାଇବା ଆରମ୍ଭ କରିଥିଲି। ବାପା ମତେ 'ଆହେ ନୀଳ ଶଇଳ' ଗୀତ ଶିଖେଇଥିଲେ। ନିଜେ ନେଇ ଷ୍ଟେଜ୍‌ରେ ଠିଆ କରେଇ ଗାଇବାକୁ ପ୍ରୋତ୍ସାହିତ କରୁଥିଲେ। ୭-୮ ବର୍ଷ ବୟସର ହୋଇଥିବାବେଳେ ଧନଞ୍ଜୟ ଶତପଥି ସାର୍‌ଙ୍କୁ ଆଣି କିଛି ଦିନ ଗୀତ ବି ଶିଖେଇଥିଲେ। କାରଣ ମୋ ବାପା ସଙ୍ଗୀତକୁ ଭଲ ପାଉଥିଲେ, ଭଲ ବଂଶୀ ବି ବଜାଉଥିଲେ। ହେଲେ ମୁଁ ଟିକେ ବଡ଼ ହେବା ପରେ ବାପା ସମାଜ ଭୟରେ ମତେ ଗୀତଠୁ ଦୂରେଇବାକୁ ଆରମ୍ଭ କଲେ। ସେ ସମୟରେ ବ୍ରାହ୍ମଣ ଘର ଝିଅ ଗୀତ ଶିଖିବା ଓ ମଞ୍ଚରେ ଗାଇବା କଥାକୁ କେହି ହଜମ କରିପାରୁ ନ ଥିଲେ। ହେଲେ ମୁଁ ଥିଲି ଗୀତ ପାଗଳିନୀ। କେମିତି ବା ତା'ଠୁ ଦୂରେଇ ରହିପାରିଥାନ୍ତି। ଆମ କ୍ୱାର୍ଟର କ୍ୟାମ୍ପସ ଭିତରେ ଜଣେ ସଙ୍ଗୀତ ଶିକ୍ଷକ ପିଲାଙ୍କୁ ଗୀତ ଶିଖାଉଥିଲେ। ତାଙ୍କୁ ଦେଖି ମୋର ବି ଇଚ୍ଛା ହେଉଥିଲା ଗୀତ ଶିଖିବାକୁ। ମୁଁ ଲୁଚି ଲୁଚି ଯାଇ ସେ ରୁମ୍ ବାହାରେ ଥିବା ପିଣ୍ଡାରେ ବସୁଥିଲି। ଗୀତ ଗୁଣୁ ଗୁଣୁ ଗାଉଥିଲି। ସଙ୍ଗୀତ ଶିକ୍ଷକ ମତେ ଯେତେ ଭିତରକୁ ଡାକିଲେ ବି ଯାଉ ନ ଥିଲି। ଡର ଥିଲା ବାପା ଦେଖିଲେ ରାଗିବେ। ୧୯୭୬ ମସିହାର କଥା ନବମ ଶ୍ରେଣୀରେ ପଢିବାବେଳେ ସେହି ସଙ୍ଗୀତ ଶିକ୍ଷକଙ୍କ ପିଲାମାନେ କୌଣସି କାରଣରୁ ଏକ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରି ନ ଥିଲେ। ତେଣୁ ସେ ମୋ ନାଁ ସେହି ପ୍ରତିଯୋଗିତାରେ ଦେଇଦେଇଥିଲେ। ଆଉ ବାପାଙ୍କୁ ଅନୁରୋଧ କଲେ ମତେ ପ୍ରତିଯୋଗିତା ଲାଗି ଛାଡିବା ପାଇଁ। ଅନେକ ବୁଝାଇବା ପରେ ବାପା ରାଜି ହେଲେ। ଆଉ ମୁଁ ସେହି ସଙ୍ଗୀତ ଶିକ୍ଷକଙ୍କ ସହ କଟକ ଯାଇଥିଲି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ। ସେଠି ଜଜ୍ ଭାବେ ରାଖାଲ ମହାନ୍ତି, ବୀଣା ଦେବୀ, ହରିପ୍ରସାଦ ଚୌରସିଆ, ମହମ୍ମଦ ହବିବ ଆଦି ଥିଲେ। ସୌଭାଗ୍ୟକୁ ସେହି ପ୍ରତିଯୋଗିତାରେ ମୁଁ ପ୍ରଥମ ହେଲି। ଆଉ ଏଇଠୁ ମୋ ଜୀବନର ମୋଡ ବଦଳିଲା। ହେଲେ ଏହାପରେ ବାପାଙ୍କ ବଦଳି ନରସିଂହପୁର ହେଇଯାଏ।

**ମେଲୋଡି ପାଇଁ ଡାକରା:** ହଠାତ୍ ଦିନେ ସନ୍ଧ୍ୟାରେ ୩-୪ ଜଣ ଆମେ ରହୁଥିବା ନରସିଂହପୁର ଘରକୁ ଆସିଥିଲେ। ସେମାନେ ବାପାଙ୍କୁ କହିଲେ ଆମେ ହବିବ ମେଲୋଡିରୁ ଆସିଛୁ। ଆପଣଙ୍କ ଝିଅ ଭଲ ଗାଉଛନ୍ତି। ତାଙ୍କୁ ଛାଡନ୍ତୁ ଆମ ମେଲୋଡିରେ ଗାଇବେ। ବାପା କହିଲେ ବ୍ରାହ୍ମଣ ଘର ଝିଅ ପୁଣି ମେଲୋଡିରେ ଗାଇବ। ହେଲେ ବୋଉ (ରତ୍ନମଣୀ ମିଶ୍ର) ବାପାଙ୍କୁ ବହୁତ ବୁଝାଇଲା। ଶେଷରେ ସେମାନଙ୍କ ସହ ମୁଁ କଟକ ଗଲି। ଅନ୍ନପୂର୍ଣ୍ଣା ଥିଏଟରରେ ୧୯୭୭ରେ ହେଉଥିବା ମ୍ୟୁଜିକାଲ ନାଇଟ୍‌ରେ ମୁଁ ୨-୩ଟି ଗୀତ ଗାଇଲି। ଆଉ ଗୀତ ପିଛା ୫୦ଟଙ୍କା ପାଇଲି।



**ରେଡିଓ, ଚଳଚ୍ଚିତ୍ରରେ କାମ:** ଏହାପରେ ୧୯୭୭ ମସିହାରେ ମୁଁ ରେଡିଓ ଆର୍ଟିଷ୍ଟ ହେଲି। ପ୍ରଥମେ 'ଶଙ୍କରଗୁରୁ' ଚଳଚ୍ଚିତ୍ରରେ ଗାଇବା ଲାଗି ୧୯୭୮ରେ ଅଫର୍ ଆସିଥିଲା। ୧୯୮୦ ମସିହାରୁ ମୁଁ କ୍ରମାଗତଭାବେ ଚଳଚ୍ଚିତ୍ରରେ କାମ କଲି। 'ହ୍ୱାଇଁ ପୁଅ', 'ଛଅମାଣ ଆଠଗୁଣ୍ଠ' ଭଳି ଅନେକ ଚଳଚ୍ଚିତ୍ରରେ ଗୀତ ଗାଇଲି। ଭଗବାନଙ୍କ କୃପାରୁ ସବୁ ବଡ଼ ବଡ଼ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଗୀତ ଗାଇବାର ସୁଯୋଗ ପାଇଛି। ୫ ଥର ଷ୍ଟେଟ ଆୱାର୍ଡ, ଥରେ ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ ବି ପାଇଛି।

**ବିବାହ ଓ ସ୍ୱାମୀଙ୍କ କଟକଣା:** ଛତ୍ର ବଜାରରେ ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ଗୀତ ଗାଉଥାଏ। ମୋ ସ୍ୱାମୀ ଯେକି ରେଭେନ୍ସାରେ ଲେକ୍ଚରର ଥିଲେ(ପରେ ୟୁକୋ ବ୍ୟାଙ୍କରେ ଡିଜିଏମ୍ ହୋଇ ଅବସର ନେଲେ), ନଣନ୍ଦ ଓ ନଣନ୍ଦେଇ ଆସିଥାନ୍ତି କାର୍ଯ୍ୟକ୍ରମ ଦେଖିବାକୁ। ନଣନ୍ଦେଇ ମୋ ସ୍ୱାମୀଙ୍କୁ କହିଲେ ଗୀତ ଗାଉଥିବା ଏଇ ଝିଅ ସହ ତୋର ପ୍ରସ୍ତାବ ପଡିଛି। ସେତେବେଳେ ମତେ ବୟସ ମାତ୍ର ୧୭ ବର୍ଷ। ଯେହେତୁ ମୁଁ ବେଶି ପୁଅମାନଙ୍କ ସହ କାମ କରୁଥିଲି। ବାପାଙ୍କର ଭାରି ଚିନ୍ତା ଥିଲା କାଳେ କିଏ ମତେ ଫସେଇ ଦେବ। ତେଣୁ ଶୀଘ୍ର ବାହା କରେଇବାକୁ ଚାହୁଁଥିଲେ। ଆଉ ଏଇ ପ୍ରସ୍ତାବ ମୋ ଅଜାଣତରେ ପଡ଼ିଥାଏ। ପରେ ମୋର ସେଇଠି ବାହାଘର ବି ହେଲା। ପ୍ରଥମେ ପ୍ରଥମେ ମୋ ସ୍ୱାମୀ ବି ଗୀତ ଗାଇବାକୁ ବିରୋଧ କରୁଥିଲେ। ସେ କହୁଥିଲେ ମୁଁ କେବଳ ଫିଲ୍ମ ଓ ରେଡିଓରେ ଗାଇପାରିବି, ମେଲୋଡିରେ ନୁହେଁ। ହେଲେ ମୋ ଶାଶୁ ଶ୍ୱଶୁର ମୋ ସ୍ୱାମୀଙ୍କୁ ବୁଝାଇଥିଲେ ଯେ, ଆମେ ଆଗରୁ ଜାଣିଛୁ ସେ ଗାୟିକା। ତାକୁ ଗୀତ ଗାଇବାରେ କଟକଣା କଲେ ତା' ପ୍ରତି ଅନ୍ୟାୟ ହେବ। ଥରେ ତ ସ୍ୱାମୀଙ୍କ ଅଜାଣତରେ ଶାଶୁ ଶ୍ୱଶୁରଙ୍କ ଅନୁମତି ନେଇ ମେଲୋଡିରେ ଗୀତ ଗାଇବାକୁ ପଳାଇଥିଲି। ଫେରିବା ପରେ ସ୍ୱାମୀ ବହୁତ ରାଗିଥିଲେ। ଶାଶୁ ଶ୍ୱଶୁର, ନଣନ୍ଦ, ନଣନ୍ଦେଇ, ଦିଅର ସମସ୍ତେ ତାଙ୍କୁ ବୁଝାଇଲେ। ଏମିତିକି ପ୍ରଫୁଲ୍ଲ କର, ଅକ୍ଷୟ ମହାନ୍ତି, ଭିକାରୀ ବଳ ଘରକୁ ଆସି ତାଙ୍କୁ ବୁଝାଇଥିଲେ। ତା'ପରଠୁ ସେ ମତେ କେବେ ବିରୋଧ କରି ନାହାନ୍ତି। ଏମିତିକି ସଙ୍ଗୀତ ଶିଖିବାକୁ ବି ମତେ ବାଧ୍ୟ କଲେ। ପ୍ରଫୁଲ୍ଲ କର ମୋ ପାଇଁ ଗୁରୁ ବାଛିଥିଲେ। ଆଉ ମୋର ବିଧିବଦ୍ଧ ସଙ୍ଗୀତ ଶିକ୍ଷା ବାହାଘର ପରେ ଆରମ୍ଭ ହୋଇଥିଲା। ସେତେବେଳକୁ କିନ୍ତୁ ମୁଁ ଫିଲ୍ମ, ରେଡିଓ ଆଦିରେ ୧୦୦ରୁ ଉର୍ଦ୍ଧ୍ୱ ଗୀତ ଗାଇସାରିଥିଲି। ଏହାପରେ ମୋର ସଙ୍ଗୀତ ଯାତ୍ରା ବିନା ବାଧାରେ ଅବିରତ ଚାଲିଲା।

## ରେଡିଓ ଭିତରେ କିଏ

ପିଲାଦିନେ ରେଡିଓରେ ଗୀତ ଶୁଣିବାକୁ ମତେ ଭାରି ଭଲ ଲାଗୁଥିଲା। ଆଉ ମୋ ପିଲା ମନରେ ସବୁବେଳେ କୌତୁହଳ ଜାଗ୍ରତ ହେଉଥିଲା ଯେ, ଏତେ ଛୋଟ ଯନ୍ତ୍ର ଭିତରେ ଲୋକ କେମିତି ରହୁଛନ୍ତି। ତେଣୁ ଥରେ ବାପା ନ ଥିବାବେଳେ ମୁଁ ରେଡିଓକୁ କଚାଡି ପକେଇ ଦେଲି ଭିତରେ କ'ଣ ଅଛି ଦେଖିବା ପାଇଁ। ହେଲେ ଭିତରେ ଖାଲି ତାର ଓ ମେସିନ ଦେଖି ରେଡିଓଟିକୁ ଯୋଡିକି ରଖିଦେଲି। ବାପା ଆସିବା ପରେ ସମାଚାର ଶୁଣିବା ପାଇଁ ରେଡିଓ ଧରିବା ବେଳକୁ ତାହା ଭାଙ୍ଗିଯାଇଥିବା ଦେଖି ପଚାରିଲେ କିଏ ଭାଙ୍ଗିଚି? ମୁଁ ଯେତେବେଳେ ଧରା ପଡିଲି ମୋ ମନର କଥା ତାଙ୍କୁ କହିଲି। ବାପା ମୋ ଉପରେ ନ ରାଗି ତାଙ୍କ ସାଙ୍ଗଙ୍କୁ କହିଲେ ଆକାଶବାଣୀ ବୁଲାଇ ନେବାର ବ୍ୟବସ୍ଥା କରାଇବାକୁ। ପରେ ଶିଶୁ ସଂସାର ପାଇଁ ଅଡିସନ ଦେଇ ପାସ୍ ହେଇ କାର୍ଯ୍ୟକ୍ରମରେ ଗୀତ ଗାଇବାର ସୁଯୋଗ ବି ପାଇଲି।

**ଡରେ:** ସ୍ୱାମୀଙ୍କୁ ବହୁତ ଭଲ ପାଏ, ସମ୍ମାନ କରେ, ତା'ସହ ଡରେ ବି।

**ମନର କଥା କହେ:** ମୁଁ ଗୋଟେ ଖୋଲା ବହି। ମତେ ଯିଏ ଭଲ ଲାଗନ୍ତି ମୁଁ ତାଙ୍କୁ ମୋ ମନ କଥା କହିଦିଏ।

**ଦୁର୍ବଳତା:** ମୋ ସାନ ଝିଅ ଓ ପୁତୁରା ପ୍ରତି ବହୁତ ଦୁର୍ବଳତା।

**ପ୍ରିୟ ଖାଦ୍ୟ:** ପଖାଳ, ଆଳୁ ଚଟଣୀ ମୋର ଭାରି ପ୍ରିୟ।

**ସୁଖଦ ମୁହୂର୍ତ୍ତ:** ଯେବେ ମୁଁ ପ୍ରଥମେ ମା' ହେଲି ଓ ମୋର ଯାଆଁଳା ଝିଅ ହେଲେ।

**ଅବସୋସ:** ଜୀବନରେ ଅବସୋସ କିଛି ନାହିଁ। ଯାହା ଚାହିଁଥିଲି ମହାପ୍ରଭୁଙ୍କ ପାଇଁ ସବୁ ପାଇଛି।

-ଶିବାନୀ ମହାନ୍ତି



# ଓଡ଼ିଶୀ ସଙ୍ଗୀତ ଦେଇଛି ପରିଚୟ




ପିଲାଦିନେ ରାମଲୀଳା ଓ ତ୍ରିନାଥମେଳା ଦେଖିବାର ନିଶା ତାଙ୍କୁ ଆଜି ଦେଇଛି ନିଆରା ପରିଚୟ। ସମୟକ୍ରମେ ସେ ଆକାଶବାଣୀର ଜଣେ ବି ହାଇଗ୍ରେଡ୍‌ର ସ୍ୱୀକୃତିପ୍ରାପ୍ତ କଳାକାର ରୂପେ ମାନ୍ୟତା ପାଇଛନ୍ତି। ଓଡ଼ିଶୀ ସଙ୍ଗୀତରେ ଶିକ୍ଷାଲାଭ କରି ଓଡ଼ିଶୀ ସଙ୍ଗୀତ ଗବେଷଣା ପାଇଁ ସିନିୟର ଫେଲୋଶିପ୍ ପାଇଛନ୍ତି। ପୁରାତନ ଭଜନ, ଜଣାଣ, ଓଡ଼ିଶୀ, ଚମ୍ପୂ, ଛାନ୍ଦ ଆଦି ଗାୟନରେ ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଏକାଧିକ ସମ୍ମାନ ଓ ପୁରସ୍କାର। ସେ ହେଲେ **ଗୁରୁ ଜଳଧର ପ୍ରଧାନ**। ମାତା ଭୂତି ଦେଈ, ପିତା ଆନନ୍ଦ ଚନ୍ଦ୍ର ପ୍ରଧାନ। ଘର ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ ଅନ୍ତର୍ଗତ କନ୍ତିଆ ଗାଁରେ। ସେ କୁହନ୍ତି, ‘ମୋ ବଡ଼ବାପା ଉଚ୍ଛବ ଚରଣ ପ୍ରଧାନ ଥିଲେ ଜଣେ ରାମଲୀଳା କଳାକାର। ଗାଁରେ ପ୍ରତିବର୍ଷ ଆୟୋଜିତ ହେଉଥିବା ରାମଲୀଳାରେ ସେ ନିର୍ଦ୍ଦେଶନା ଦେବା ସହିତ ଅଭିନୟ କରୁଥିଲେ। ଘରେ ସେ ଖଞ୍ଜଣି ବଜାଇ ବିଭିନ୍ନ ଭଜନ ଜଣାଣ ଗାୟନ କରିଥା’ନ୍ତି। ତାଙ୍କ କଣ୍ଠରୁ ଭଜନ ଜଣାଣ ଶୁଣି କେତେକ ପୁରାତନ ଭଜନ, ଜଣାଣକୁ ଗାଇବା ଅଭ୍ୟାସ କରୁଥିଲି। ପିଲାଦିନେ ମୋ କଣ୍ଠରୁ ଭଜନ, ଜଣାଣ ଶୁଣି ଗାଁର ଗୁରୁଜନମାନେ ମୋତେ ଗାଇବା ପାଇଁ ଉତ୍ସାହିତ କରୁଥିଲେ। ହରିରାଜପୁର ସୋମନାଥ ବିଦ୍ୟାପୀଠରେ ପଢୁଥିବା ବେଳେ ଅଧିକାଂଶ ସମୟ ପାଠପଢ଼ା ଅପେକ୍ଷା ଗୀତ ପ୍ରତି ଗୁରୁତ୍ୱ ଦେଉଥିବାରୁ ସେତେବେଳେ ଶ୍ରେଣୀ ଶିକ୍ଷକ ମୋ ପ୍ରତି ବିରକ୍ତ ହୋଇ କହିଥିଲେ– ଆଗେ ପାଠ, ପରେ ଶାଠ ନଚେତ୍ ତୋର କିଛି ହୋଇପାରିବନି। ସାରଙ୍କ ଏହି ପଦକ କଥା ଏବେ ବି ମନେପଡୁଛି। ୭ମ ଶ୍ରେଣୀରେ ପଢୁଥିବା ବେଳେ ଥରେ ଟେବୁଲରେ ବାଜା ବଜାଇ ଗୀତ ଗାଉଥିବା ବେଳେ ଟେବୁଲର ଏକ ପଟା ଭାଙ୍ଗି ଯାଇଥିଲା। ଏଥିପାଇଁ ସାର୍ ମୋତେ ଏବଂ ଆଉ ଜଣେ ସାଙ୍ଗକୁ ସେତେବେଳେ ଆଣ୍ଠୁଆ ବସାଇଥିଲେ। ତେଣୁ ଭୟରେ କିଛି ଦିନ ସ୍କୁଲକୁ ଯାଇ ନଥିଲି। ପରେ ସ୍କୁଲ ଯିବା ପାଇଁ ସାର୍ ବହୁତ ବୁଝାଇଥିଲେ। ଆଉ ସାର୍ ମୋତେ ଭଜନ ଗାଇବା ପାଇଁ ଉତ୍ସାହିତ କରିଥିଲେ। ଆଉ ମୁଁ ଗାଇଥିଲି। ପରେ ସ୍କୁଲରେ ଯେତେବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା, ଭଜନ, ଜଣାଣ ଗାଇବାକୁ ମୋତେ ଡାକନ୍ତି। ସାଲବେଗ, ସାରିଆ ଭିକ, ବନମାଳୀ ଦାସ, ଦୀନକୃଷ୍ଣଙ୍କ ଭଜନ ଜଣାଣକୁ ସ୍ୱର, ତାଳରେ ଗାଇବାରେ ଆନନ୍ଦ ପାଉଥିଲି। ସଙ୍ଗୀତ ଶିକ୍ଷା ପାଇଁ ଘରୋଇ ଭାବେ ଜଟଣୀର ଏକ ପୁରାତନ ‘ସଙ୍ଗୀତା’ ଅନୁଷ୍ଠାନକୁ ଯାଇଥିଲି । ସେଥିପାଇଁ ପ୍ରତି ମାସରେ ୨୦ଟଙ୍କା ଦେବାକୁ ପଡୁଥିଲା। ଥରେ ମାସିକ ଦରମା ଦେଇ ନ ପାରିବାରୁ ସଙ୍ଗୀତ ଅନୁଷ୍ଠାନର ପରିଚାଳକ ମୋତେ ତାଙ୍କ ଅନୁଷ୍ଠାନକୁ ଯିବା ପାଇଁ ମନାକରି ଦେଇଥିଲେ। କିନ୍ତୁ ସେତେବେଳେ ସ୍କୁଲ ବହି କିଣିବାକୁ ମୋପାଖରେ କିଛି ଟଙ୍କା ସାଇତି ରଖିଥିଲି। କାହାକୁ କିଛି ନ ଜଣାଇ ବହିକିଣା ହେବାକୁ ଥିବା ୧୫ଟଙ୍କାକୁ ସଙ୍ଗୀତ ଅନୁଷ୍ଠାନର ପରିଚାଳକଙ୍କୁ ଦେଇଦେଇଥିଲି, ଆଉ ୫ଟଙ୍କା ବାକି ଥିବାରୁ ସଙ୍ଗୀତ ସ୍କୁଲକୁ ନ ଯାଇପାରି ଘରେ ସଂଗୀତ ଅଭ୍ୟାସ କରୁଥିଲି। ମୋର ଏହି କଳା ପ୍ରତି ଆଗ୍ରହ ଦେଖି ସଙ୍ଗୀତ ଶିକ୍ଷକ ପରେ ମୋତେ ସେହି ଅନୁଷ୍ଠାନକୁ ଯିବାପାଇଁ କହିଥିଲେ। ତାପରେ ଜଣେ ସାଙ୍ଗ ମୋ ପାଇଁ ପିପିଲିରୁ ଏକ ହାର୍‌ମୋନିୟମ କିଣି ମୋତେ ଦେଇଥିଲେ। ପରେ ତାଙ୍କ ପଇସା ଶୁଝି ଦେଇଥିଲି। ଗୁରୁ ଭୁବନ ମୋହନ ପ୍ରଧାନ, କେଶବଚନ୍ଦ୍ର ରାଉତ, ପ୍ରଶାନ୍ତ ସାମଲ, ଗୁରୁ ରାମହରି ଦାସ ପ୍ରମୁଖଙ୍କଠାରୁ ପୁରାତନ ଓଡ଼ିଶୀସଙ୍ଗୀତ ଶିକ୍ଷା ଲାଭ କରିଥିଲି। ଜଟଣୀ କଲେଜରେ ବିଏ ସାରିଲା ପରେ ବିଧିବଦ୍ଧଭାବେ ଚଣ୍ଡୀଗଡ଼ ପ୍ରାଚୀନ କଳାକେନ୍ଦ୍ରରେ ୭ ବର୍ଷିଆ ଓଡ଼ିଶୀ ସଙ୍ଗୀତ କୋର୍ସ କରି ସଙ୍ଗୀତରେ ଆଚାର୍ଯ୍ୟ ସାରିଲି। ସମୟକ୍ରମେ କଟକ ଆକାଶବାଣୀର ବିଭିନ୍ନ ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗଦେଲି। ଏହାପରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ସଙ୍ଗୀତ ପରୀକ୍ଷକ, ଚଣ୍ଡୀଗଡ଼ ପ୍ରାଚୀନ କଳାକେନ୍ଦ୍ରର ପରୀକ୍ଷକ, ତ୍ରିପଲ–ଏ ଅନୁଷ୍ଠାନ ଖୋର୍ଦ୍ଧାରେ ଓଡ଼ିଶୀସଙ୍ଗୀତ ଶିକ୍ଷକଭାବେ କାର୍ଯ୍ୟ କରୁଅଛି। ପରିବାରରେ ମୋର ଝିଅ ଓଡିଶୀ ସଙ୍ଗୀତ କଳାରେ ରୁଚି ରଖିଛି। ଏବେ ବିଭିନ୍ନ ଅନୁଷ୍ଠାନରେ ସଙ୍ଗୀତ ଶିକ୍ଷକ ଭାବେ ପିଲାଙ୍କୁ ପୁରାତନ ଓଡିଶୀସଙ୍ଗୀତ ଶିକ୍ଷା ଦେଉଛି। ସଙ୍ଗିତ ପାଇଁ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛି। ମୁଁ ଏତିକି କହିବି ଓଡ଼ିଶୀ ସଙ୍ଗୀତର ଅଂଶ ବିଶେଷ ଭାବେ ଚମ୍ପୂ, ଛାନ୍ଦ, ଓଡ଼ିଶୀ ଆଦି ପୁରାତନ ଭଜନ ଜଣାଣ ରହିଛି। ସଙ୍ଗୀତର ଅଳଙ୍କାର ସାଧନା କଲେ ହିଁ ଜଣେ ସଫଳତା ପାଇବେ। ଆଜିକାଲି କିନ୍ତୁ ଅଳଙ୍କାରକୁ ସାଧନା ନ କରି ଗୀତ ଗାୟନ କରନ୍ତି। ତେଣୁ ସେଥିରେ ପ୍ରକୃତ ସ୍ୱର, ତାଳର ମୌଳିକତା ରହେନା। ତେଣୁ ସେହି ସଙ୍ଗୀତରେ ଭାବ ରହୁନି। –**ବନବିହାରୀ ବେହେରା**











# ଦାଣ୍ଡ କବାଟ

–ଶିବସୁନ୍ଦର ପାଣିଗ୍ରାହୀ

**ସେ**ଦିନ ସେ କିଞ୍ଚିତ ଦୁଷ୍ଟାମି କଲା। ମୁଁ ସେତେବେଳେ ଘରେ ନ ଥିଲି । ଅଫିସରେ ଥିଲି । ସ୍ୱାମୀମାନେ ବାହାରେ ଥିଲେ ସହଧର୍ମିଣୀମାନଙ୍କ ଫୋନ ବାରମ୍ବାର ଆସୁଥାଏ । କ'ଣ କରୁଛ, ଟିଫିନ୍ ଖାଇଲ କି ନାହିଁ ଇତ୍ୟାଦି ଇତ୍ୟାଦି । ହଠାତ୍ ଫୋନ୍ ଆସିଲା । ସେତେବେଳେ ହୁଏତ କିଛି ଜରୁରୀ କାମରେ ମୁଁ ବ୍ୟସ୍ତ ଥାଏ । ଦେଖିଲି 'ଅସୀମା-ଜିଓ'। ଗୁରୁହୀନ ମନେକରି ମୁଁ ଫୋନ୍ କାଟିଦେଲି। ଦଶମିନିଟ୍ ପରେ ପୁଣି ଫୋନ୍ ଆସିଲା । ମୁଁ ଏବେ ବି ବ୍ୟସ୍ତ ଥିଲି ଅଥଚ କିଛିଟା ଜରୁରୀ ଥାଇପାରେ ଭାବି ଫୋନ୍ ଉଠେଇଲି । ସେପଟୁ ସହଧର୍ମିଣୀଙ୍କ ବ୍ୟସ୍ତ ବିବ୍ରତ ସ୍ୱର । ''ଜାଣିଛ ! ଆଜି ସ୍କୁଲରୁ ଫେରୁଫେରୁ ପୁଅ ଆସି ମୋତେ ମୋ ଫୋନ ମାଗିଲା । ନମ୍ର ହୋଇ ମୁଁ ତାକୁ ବୁଝେଇଲି । ପ୍ରଥମେ ଗୋଡ଼, ହାତ ଧୋଇ ଆସିବାକୁ କହିଲି । ସେ ଶୁଣିଲାନି, କେବଳ ଫୋନ୍ ପାଇଁ ଜିଦ୍ କରୁଥିଲା । ଯଥାସମ୍ଭବ ଚେଷ୍ଟା ସତ୍ତ୍ୱେ ତା'ର ଅବୁଝା, ଅବଜ୍ଞାପଣକୁ ସହ୍ୟ କରି ନ ପାରି ବାଧ ହୋଇ ଚଟକଣିଟିଏ ବସେଇ ଦେଲି ତା' ଗାଲରେ। ରାଗ ତମତମରେ ଗୋଡ଼ କଚାଡି ସେ ବାହାରକୁ ଚାଲିଗଲା ଦାଣ୍ଡ ଦରଜାକୁ ଢୋ' କିନା ଦ୍ୱାରବନ୍ଧରେ ବାଡ଼େଇ ଦେଇ । ମୁଁ ଜଡ଼ିଭୂତ ହୋଇ ଦେଖୁଥିଲି ଏ ସବୁ । ତଥାପି ପିଲାଟାକୁ ମାଡ଼ ଦେଇଥିବାରୁ ଏକ ନିର୍ଘାତ ଦୋଷୀପଣରେ ଭାରି ଅସହଜ ଲାଗୁଛି ମୋତେ ।'' ଆତୁର ହୋଇ ଏକା ନିଃଶ୍ୱାସରେ ଏତକ କହିଗଲେ ସେ। ଧର୍ମପତ୍ନୀଙ୍କ ଅସହାୟତାକୁ ମୁଁ ବୁଝି ପାରୁଥିଲି ଅଥଚ ମୁଁ କିଛି ବି ପ୍ରତିକ୍ରିୟା ବ୍ୟକ୍ତ କଲି ନାହିଁ । ସତ କହିବାକୁ ଗଲେ ମୁଁ ସମ୍ପୂର୍ଣ୍ଣ ରୂପେ ଅବିଚଳିତ ଥିଲି । ମୋ ମୁହଁରୁ ବିନ୍ଦୁଏ ସମବେଦନା ନ ପାଇ ଧର୍ମପତ୍ନୀ ହୁଏତ ଖୁବ୍ ଦୟନୀୟ ଦେଖା ଯାଉଥିବେ ସେତେବେଳେ ।

ସେଦିନ ରାତିରେ ବିଛଣାକୁ ଗଲାବେଳକୁ ପୁଅ ନିକଟରୁ ସକାଳର ଘଟଣା ବିଷୟରେ ଜାଣିବାକୁ ଚେଷ୍ଟାକଲି । ଗୋଟେ ନିଶ୍ଚିତ ଅପରାଧବୋଧର ଅନୁଶୋଚନାରେ ଗୋଟାପଣେ ସାଙ୍କୁଡ଼ି ଯାଉଥିଲା ସେ । ଆଉ ଏମିତି କେବେ ବି ହେବନି କହି କ୍ଷମା ଯାଚନା କଲା । ତା' ନିରୀହ ମନସ୍ଥିତିକୁ ମୁଁ ବେଶ୍ ଭଲ ଭାବରେ ପଢ଼ି ପାରୁଥିଲି । ''ଟିନ୍ ଏଜ୍ ଆଡ଼କୁ ବଢୁଥିବା ପିଲାଏ ବେଳେବେଳେ ଏମିତି ହୁଅନ୍ତି, ସେଥିରେ ବ୍ୟତିବ୍ୟସ୍ତ ନ ହୋଇ ଶାନ୍ତ ଓ ଏକାଗ୍ର ଚିତ୍ତରେ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିଲେ ଯାଇ ପରିବେଶ ସୁନ୍ଦର ଓ ଶୃଙ୍ଖଳିତ ହୋଇପଡ଼େ'' । ମୁଁ କହୁଥିଲି ଧର୍ମପତ୍ନୀଙ୍କ ଉଦ୍ଦେଶ୍ୟରେ । ସେ ହୁଏତ କିଛି ବୁଝିପାରିଥିବେ ମୁଁ କିନ୍ତୁ ଫେରି ଯାଉଥିଲି ମୋ କୈଶୋର ସମୟକୁ ।

ଯେବେ ବି ଗାଁକୁ ଗଲେ ଆମ ଘର ଦାଣ୍ଡ କବାଟଟି ହସିହସି ଆମକୁ ସ୍ୱାଗତ କରେ । ତା' ଦେହରେ ହାତ ବାଜିବା କ୍ଷଣି ମନ ଭିତରେ ଅତୀତ ସବୁ ବଖାଣି ହୋଇ ପଡ଼ନ୍ତି । କେବେ ଥରେ ତା' ଦେହରେ ବୋଉ ଲିପି ଦେଇଥିବା ସବୁଜ ରଙ୍ଗଟି ଏବେ ଛାଡ଼ି ଆସିଲାଣି । ଅଥଚ ଏବେ ବି ତା' ଦେହରୁ ମୁଁ ନିର୍ଦ୍ୱନ୍ଦ୍ୱରେ ବୋଉ ଦେହର ଗନ୍ଧକୁ ବାରିପାରେ । ଆମେ ଭାଇ ଭଉଣୀମାନେ ସ୍କୁଲରୁ ଫେରିବା ପରେ ବୋଉ ଆମ ପାଇଁ ମୁଠେ ମୁଠେ ସଜ ପଖାଳ ବାଢ଼ିଦିଏ । ଖାଇ ସାରିବା ପରେ ବି ଆମେ ତାକୁ ଭୁଜା ଖାଇବାକୁ ପଇସା ମାଗୁ । କେବେ ମିଳେ ତ କେବେ ମିଳେନାହିଁ । ଅନ୍ୟମାନେ ବୁଝି ଯାଆନ୍ତି । ମୋତେ କିନ୍ତୁ ସାହି ଦୋକାନରେ ନୂଆକରି ଆସିଥିବା କୁକିସ୍ ଚକୋଲେଟ୍ କି ରସନା ପାଣିର ସ୍ୱାଦ ଚାଖିବାର ଲୋଭ କାତର କରି ପକାଉଥାଏ । ମୁଁ ଅତିଷ୍ଠ ହୁଏ । ଅଝଟ ହୁଏ । ବୋଉ ମୋତେ ବୁଝାଇବାକୁ ଚେଷ୍ଟା କରେ । ମୁଁ ବୁଝିବାକୁ ନାରାଜ ଥାଏ । ଖୁବ୍ ଅଳି କରେ । ପରିଶେଷରେ ଏକ ନିର୍ଘାତ କ୍ରୁଦ୍ଧପଣରେ ପାଦ କଚାଡି ବାହାରକୁ ଚାଲି ଯାଉଯାଉ ମୋ କୁପିତଭାବକୁ ସୂଚେଇବାକୁ ଦାଣ୍ଡ କବାଟକୁ ଖୁବ୍ ଜୋରରେ ବନ୍ଦ କରି ପକାଏ। ଦ୍ୱାରବନ୍ଧରେ ଆଘାତ ପାଇ କବାଟଟି ଢୋ କିନା ଶବ୍ଦ କରେ । ବୋଉ ଚମକି ଉଠେ, ବିଚଳିତ ହୁଏ । ଖେଳ ପଡ଼ିଆକୁ ପହଞ୍ଚିବା ପର୍ଯ୍ୟନ୍ତ ମୁଁ ଶାନ୍ତ ହୋଇପାରେ ନାହିଁ । ବୋଉ ଯେହେତୁ ସବୁ କଥା ନନାଙ୍କୁ କୁହେ, ସନ୍ଧ୍ୟାରେ ଖେଳ ସାରି ଘରକୁ ଫେରିବା ବେଳକୁ ନନାଙ୍କ ଉପସ୍ଥିତିରେ, ଘରେ ନିଶ୍ଚିତ ଗୋଟେ ଗମ୍ଭୀର ପରିବେଶର ପରିକଳ୍ପନାରେ ମୁଁ ଖୁବ୍ ଶଙ୍କିତ ଓ ଭୟାର୍ତ୍ତ ଥାଏ । ମୋତେ ଦେଖି ବୋଉ ଯେତେବେଳେ ଉଦାରରେ ହସିଦିଏ, ମୋ ମନ ସତେଜତାରେ ଭରିଯାଏ । ମୁଁ ବି ଚୁପ୍ କିନା ହସି ଦେଇ ନିଜକୁ ସହଜ କରି ପକାଏ । ଦାଣ୍ଡ କବାଟଟି ତଥାପି ହସହସ ବଦନରେ ସେମିତି ନିର୍ଲିପ୍ତ , ଅବିଚଳିତ ଥାଏ ।

ଏବେ ବସାଘର ଦାଣ୍ଡ ଦରଜା ପାଖକୁ ମୁଁ ପହଞ୍ଚି ସାରିଥିଲି । ତା' ମୁହଁରେ ହସ ଥିଲା କି ନାହିଁ ଜାଣିପାରିଲିନି, ତେବେ ବନ୍ଦ ଅବସ୍ଥାରେ ସିଏ ବି ସେମିତି ଛିଡ଼ା ରହିଥିଲା ନିର୍ଲିପ୍ତ, ଅବିଚଳିତ ହୋଇ ।

–ଜେ କେ ପୁର, ରାୟଗଡ
ମୋ: ୮୦୧୮୮୩୮୩୭୮

# ଜୀବନ ମଞ୍ଜୁଆତି

–ସ୍ମୃତିରଞ୍ଜନ ତ୍ରିପାଠୀ

**ତା**କୁ ଛେଚି କୁଟି ବାଟି
ରଙ୍ଗେଇଲେ ଇ ଯାଇ ଦାଗ ହୁଏ
ମଗଜରେ,ମରମରେ, ଜୀବନରେ,
ହାତ ପାପୁଲି ଆଙ୍ଗୁଠିର ସ୍ନାୟୁ ସବୁ
କେଜାଣି କାହିଁ ଅସ୍ଥିରତା ଲୋଡ଼ନ୍ତି
ଚଞ୍ଚଳ ମନ, ଅଧିର ହସ୍ତରେଖା ଉପରେ
ଲେପିହେବାକୁ ନୀଳ ନିମନ୍ତ୍ରଣ ଫାଶରେ।

ରଙ୍ଗମଞ୍ଚରେ କ'ଣ
ଆହୁରି ରଙ୍ଗ ଲୋଡ଼ା ଥାଏ କି ?
କ୍ଷଣେ କ୍ଷଣେ ଆଲୁଅ ଅନ୍ଧାରକୁ ଘଷି ମାଜି
ସ୍ମୃତି ସଂଳାପକୁ ଲୁହରେ ବୁଡ଼େଇ
ପୁଣି ମୁକ୍ତଛନ୍ଦରେ ଶୁଖେଇବାକୁ ହୁଏ ପୁଲକ।

ରାଜା ଝିଅ କବାଟ କିଳି କାନ୍ଦେ ପ୍ରେମରେ
ବଣିକ ପୁଅ ହାଟ ଖୋଜେ ସ୍ୱପ୍ନରେ
ରଙ୍କଙ୍କ ଭାଗରେ ଶିଳଧୁଆ ଅତର,
ସଭିଏ ବାଟ ହୁଡ଼ନ୍ତି, ସବୁ ଫିକା ପଡ଼େ
ଛାଡ଼ି ଛାଡ଼ି ଆସେ ରଙ୍ଗିନ କଳଙ୍କ
ମଞ୍ଚର ପରଦା ପଡ଼ିବା ପରେ।

ମଞ୍ଜୁଆତି ହସୁଥାଏ
ସମୟର ଈପ୍ସିତ ପ୍ରହରେ
ଠିକ୍ କିଏ ପଣ କରି
ପୁଣି ଫେରିଯାଉଥିବା ମୁଦ୍ରାରେ,
ଜୀବନ ହାଟରେ ମଞ୍ଜୁଆତି ଏମିତି ଆସେ
ଅହଂକୁ ଉସୁକାଏ, ମାଦକିତ କରେ
ପ୍ରତାରଣାର ଶବ୍ଦପୁଞ୍ଜିରେ ଫିଦିନ
ପେଷିହେଉଥାଏ ବ୍ରହ୍ମ, ଅବଶିଷ୍ଟ ସଂକଳନ
ଶୂନ୍ୟତାର ଆଡୁଆଳରେ....।

–ଜଟଣୀ, ଖୋର୍ଦ୍ଧା
ମୋ:୯୪୩୮୩୧୫୩୮୧






କିଆରା

# ଏବେ ବି ମନେ ପଡେ

କିଆରା ଆଡଓ୍ୱାନୀଙ୍କ ମନରେ ଏବେ ମଧ୍ୟ ଗୋଟିଏ ଘଟଣା ସତେଜ ହୋଇ ରହିଛି। ସେ ଯେତେବେଳେ କଲେଜରେ ପଢୁଥିଲେ ସେତେବେଳେ ଏକ ଘଟଣା ଘଟିଥିଲା। ଯାହା ତାଙ୍କ ମନରେ ଏବେ ବି ଉଜ୍ଜୀବୀତ ହୋଇ ରହିଛି। ସେତେବେଳେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅବଶ୍ୟ ଏଥିରେ ତାଙ୍କର ସେପରି କିଛି କ୍ଷତି ହୋଇ ନ ଥିଲା, କିନ୍ତୁ ବେଶ୍ କିଛି ମାସ ଏ ନେଇ ସେ ଭୟଭୀତ ରହିଥିଲେ। ଏ ସମ୍ପର୍କରେ କିଆରା କହନ୍ତି, ‘ସେହି ଦୁର୍ଘଟଣାକୁ ମୁଁ ମନରୁ ଯେତେ ପୋଛି ଦେବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇପାରୁ ନାହିଁ। ଆଜିବି ବାରମ୍ବାର ସେହି କଥା ମନେ ପଡେ।’ ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ କିଆରା ଶିକ୍ଷାଦାନ ସହ ଜଡିତ ଥିଲେ। ମୁମ୍ବାଇସ୍ଥିତ ଏକ ପ୍ଲେ ସ୍କୁଲରେ ସେ କିଛି ଦିନ ଶିକ୍ଷୟିତ୍ରୀ ଭାବରେ କାମ କରିଥିଲେ। କିଆରାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ‘ଫୁଗ୍‌ଲି’। ତା’ପରେ ସେ ‘ଏମ.ଏସ.ଧୋନି : ଦ ଅନଟୋଲ୍ଡ ଷ୍ଟୋରି’, ‘କଲଙ୍କ’, ‘କବୀର ସିଂ’, ‘ଗୁଡ ନ୍ୟୁଜ’, ‘ଲକ୍ଷ୍ମୀ’, ‘ଇନ୍ଦୁ କି ଜୱାନୀ’, ‘ଭୂଲ ଭୂଲୈୟା-୨’ ଏବଂ ‘ସତ୍ୟପ୍ରେମ କି କଥା’ରେ ଅଭିନୟ କରିସାରିଛନ୍ତି।

# ଓଜନ ଟେନ୍‌ସନ

‘ଦବଙ୍ଗ ଗର୍ଲ’ ସୋନାକ୍ଷୀ ସିହ୍ନା ନିଜ ଅଭିନୟ ଜୀବନର ଏକ ଘଟଣାକୁ କେବେ ଭୁଲି ପାରିବେ ନାହିଁ ବୋଲି କହି ବୁଲୁଛନ୍ତି। ତାହା କ’ଣ ଜାଣନ୍ତି ? ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ‘ଦବଙ୍ଗ’। ଏହି ଅଫର ପାଇ ସେ ଯେତିକି ଖୁସି ହୋଇଥିଲେ ତା’ଠୁ ବେଶି ଚିନ୍ତିତ ହୋଇଥିଲେ। କାରଣ ସେତେବେଳେ ତାଙ୍କର ଓଜନ ଅଧିକ ଥିଲା। ତେଣୁ ସଲମାନ ଖାଁ ତାଙ୍କୁ ଏକ ସୀମିତି ସମୟ ଭିତରେ ଯେମିତି ହେଲେ ଓଜନ କମାଇବାକୁ କହିଥିଲେ। ଆଉ ତା’ପରେ ସୋନାକ୍ଷୀ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ଯେତେବେଳେ ସେ ଏହି ଫିଲ୍ମ ପାଇଁ ସାଇନ୍ କଲେ ସେତେବେଳେ ତାଙ୍କର ଓଜନ ଥିଲା ୯୦ କିଗ୍ରା। ଏହାକୁ କମାଇବାକୁ ତାଙ୍କୁ ବେଶ୍ ଝାଳ ବୁହାଇବାକୁ ପଡିଥିଲା। ଦୁଇ ବର୍ଷର ଅକ୍ଳାନ୍ତ ପରିଶ୍ରମ ପରେ ସେ ତାଙ୍କ ଓଜନ ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ସୋନାକ୍ଷୀ କହନ୍ତି, ‘ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ। ସେତେବେଳେ ସଲମାନ୍ ଖାଁ ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି କରି ଅନୁସରଣ କରିଥିଲି। ସେଥିପାଇଁ ହିଁ ଶୁଟିଂ ଆରମ୍ଭ ହେବା ପୂର୍ବରୁ ମୁଁ ମୋ ଓଜନକୁ ବାଲାନ୍ସ କରିପାରିଥିଲି।’


ସୋନାକ୍ଷୀ

# ଚାହିଁ ରହିଛନ୍ତି ପୂଜା


ପୂଜା

ଦକ୍ଷିଣ ଭାରତୀୟ ସିନେମା ଓ ବଲିଉଡ୍‌ରେ ବେଶ୍ କେତୋଟି ଚଳଚ୍ଚିତ୍ରରେ ଅଭିନୟ କରି ପୂଜା ହେଗଡେ ସାଉଣ୍ଟିଛନ୍ତି ଅନେକ ପ୍ରଶଂସା। ଆଶୁତୋଷ ଗୋଓ୍ୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ ‘ମହେଞ୍ଜୋଦାରୋ’ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଏହି ଫିଲ୍ମର ନାୟକ ସାଜିଥିଲେ ହୃତିକ୍ ରୋଶନ। ଯଦିଓ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା, ହେଲେ ଏହାର ନିର୍ଦ୍ଦେଶକ ତାଙ୍କୁ ପୁଣିଥରେ ରିପିଟ୍ କରିବେ ବୋଲି ସେ ଏବେ ବି ଆଶା ରଖିଛନ୍ତି। ଏ ନେଇ ପୂଜା କୁହନ୍ତି, ‘ମୁଁ ଶୁଣିବାକୁ ପାଉଛି ଯେ ଆଶୁତୋଷ ସାର୍ କୁଆଡ଼େ ପୁଣିଥରେ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଆଶା, ତାଙ୍କ ଶୁଭଦୃଷ୍ଟି ମୋ ଆଡ଼କୁ ପଡ଼ିବ। ଯଦି ସେ ମୋତେ ପୁଣି ଥରେ ତାଙ୍କ କ୍ୟାମ୍ପରେ ସାମିଲ କରନ୍ତି ତେବେ ଆଖିବୁଜି ହଁ ଭରିବି। ଏହାବ୍ୟତୀତ ହୃତିକ୍ ରୋଶନଙ୍କ ସହ ପୁଣିଥରେ କ୍ୟାମେରା ସାମ୍ନା କରିବାକୁ ମଧ୍ୟ ଆଶା ରଖିଛି। ତେବେ ମୋର ଏହି ଆଶାଦ୍ୱୟ କେବେ ପୂରଣ ହେବ ତାହା ଆଗାମୀ ସମୟ ହିଁ କହିବ।’ ବର୍ତ୍ତମାନ ଦକ୍ଷିଣ ଭାରତୀୟ ସିନେମାରେ ପୂଜା ଏତେ ବ୍ୟସ୍ତ ଅଛନ୍ତି ଯେ, ନିକଟରେ ବଲିଉଡ୍‌ର ଭଲ ଭଲ ଦୁଇଟି ଅଫର ସେ ହାତଛଡ଼ା କରିଛନ୍ତି।

# ଉଦଣ୍ଡୀସୀତା

ନୂଆ ଓଡ଼ିଆ ସିନେମା ‘ଉଦଣ୍ଡୀ ସୀତା’ ରିଲିଜ ଅପେକ୍ଷାରେ ରହିଛି। ଏହାର କାହାଣୀ ରଚନା କରିଛନ୍ତି ଅଶ୍ୱିନୀ ତ୍ରିପାଠୀ। କେବଳ ସେତିକି ନୁହେଁ, ଏହି ଫିଲ୍ମର ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି ସେ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, ‘ବର୍ତ୍ତମାନ ସମାଜରେ ଅନେକ ଘଟଣା ଘଟୁଛି, ଯାହାକୁ ଆଧାର କରି ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ। ସେଭଳି ଏକ କରେଣ୍ଟ ଇସ୍ୟୁକୁ ନେଇ କାହାଣୀ ରଚନା କରାଯାଇଛି। ବିଶେଷଭାବରେ ଚାଷୀ ସମସ୍ୟାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ।’ ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଜାନୀ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ପୂର୍ବରୁ ‘ଉଦଣ୍ଡୀ ସୀତା’ର ‘ସୀତାଲୋ ଆଜି ଜଳୁଛି ଯାହାର ଚିତାଲୋ’ ଟ୍ୟାଗ୍ ଲାଇନ୍‌କୁ ନେଇ ଏହି ଫିଲ୍ମରେ ଏକ ଗୀତ କମ୍ପୋଜ କରାଯାଇଛି। ଏଥିରେ ଦେବଜାନୀଙ୍କ ବ୍ୟତୀତ ସମରେଶ ରାଉତରାୟ, ଇଲୁ ବାନାର୍ଜୀ, ଶକ୍ତି ବରାଳ ଏବଂ ପିଙ୍କି ପ୍ରଧାନ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ସୂଚନାଯୋଗ୍ୟ, ବେଶ୍ କିଛି ବର୍ଷ ପୂର୍ବେ ଓଡ଼ିଆ ସିନେମା ‘ଉଦଣ୍ଡୀ ସୀତା’ ହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ଅପରାଜିତା ମହାନ୍ତିଙ୍କ ଅଭିନୟ କେତେ ନିଖୁଣ ଥିଲା ତାହା କହିବା ଅନାବଶ୍ୟକ। ହେଲେ ଏବେ ସେହି ଟାଇଟଲକୁ ନେଇ ନିର୍ମିତ ହେଉଛି ଆଉ ଏକ ଓଡ଼ିଆ ସିନେମା।


ଦେବଜାନୀ



# ଅନୁପମ କରିଥିଲେ ଚୋରି

ବଲିଉଡ୍‌ରେ ଏମିତି ଅନେକ ନାମୀ ଅଭିନେତା ଅଛନ୍ତି, ଯେଉଁମାନେ କି ଦର୍ଶକଙ୍କ ହୃଦୟରେ ସବୁବେଳେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନୁପମ ଖେର ଅନ୍ୟତମ। ସେ ଯେ ଅଭିନୟରେ କେତେ ପାରଙ୍ଗମ ତାହା ସମସ୍ତଙ୍କୁ ଜଣା। ତେବେ ତାଙ୍କ ବ୍ୟକ୍ତିଗତ ଜୀବନରେ ଏକଦା ଏମିତି ଏକ ଘଟଣା ଘଟିଥିଲା, ଯାହା ତାଙ୍କୁ ଏକ ବଡ଼ ଶିକ୍ଷା ଦେଇଥିଲା। ଥରେ ଏକ ଅଡିଶନରେ ଅଂଶଗ୍ରହଣ କରିବା ପାଇଁ ସେ ନିଜ ଘରୁ କିଛି ଟଙ୍କା ଚୋରାଇବାକୁ ବାଧ୍ୟ ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ଏହି ଭୁଲକୁ ତାଙ୍କ ମା’ଙ୍କ ସାମନାର ସ୍ୱୀକାର ବି କରିଥିଲେ। ଯେଉଁଥିପାଇଁ ତାଙ୍କ ମା’ ତାଙ୍କୁ ଏକ ଚଟକଣା ମାରିଥିଲେ। ଏହି ଘଟଣା ତାଙ୍କ ମନରେ ଏକ ପରବର୍ତ୍ତନ ଆଣିଥିଲା। ଏ ନେଇ ଅନୁପମ କହନ୍ତି, ‘ସେଦିନର ସେହି ଚଟକଣା ମୋ ଜୀବନର ଗତିପଥ ବଦଳାଇ ଦେଇଥିଲା। ଜୀବନରେ କଦାପି ମିଥ୍ୟା ଓ ଅସତ୍ କର୍ମର ଆଶ୍ରୟ ନେବି ନାହିଁ ବୋଲି ଶପଥ ନେଇଥିଲି।’ ୧୯୮୪ରେ ଅନୁପମ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ଚଳଚ୍ଚିତ୍ରଟି ଥିଲା ‘ସାରାଂସ’। ଦୀର୍ଘ ତିନି ଦଶନ୍ଧି ଧରି ସେ ବଲିଉଡ୍ ସହ ଜଡିତ ଅଛନ୍ତି।



# କଫି ପ୍ରିୟ ଜ୍ୟାକଲିନ୍

ଜ୍ୟାକଲିନ୍ ଫର୍ନାଣ୍ଡିସ୍ ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥା ନେବାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନଥାଏ, ତେବେ ମାର୍କେଟରୁ କିଣିବାକୁ ଜମାରୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ’ଣ ଜାଣିବେନି ? କଫି ପ୍ୟାକେଟ୍। ଏହି ଶ୍ରୀଲଙ୍କା ସୁନ୍ଦରୀ ବାହାରକୁ କିମ୍ବା ଶୁଟିଂ ଶେଟ୍‌କୁ ଗଲେ ସାଙ୍ଗରେ କଫି ପ୍ୟାକେଟ ନେଇଯାଆନ୍ତି। କାରଣ ବୋର୍ ଲାଗିଲେ ତାଙ୍କୁ ଲୋଡା କେବଳ କପେ କଫି। ଏ ନେଇ ସେ କହନ୍ତି, ‘ମୋ ଭ୍ୟାନିଟ୍‌ରେ ସବୁବେଳେ ୩-୪ଟି କଫି ପ୍ୟାକେଟ ଥାଏ। ପୁଣି ଏହାକୁ ପ୍ରସ୍ତୁତ କରିବା ଲାଗି ସରଞ୍ଜାମ ନେବାକୁ ବି ଭୁଲି ନ ଥାଏ। କାରଣ ମୋତେ ଯେତେବେଳେ ବୋର୍ ଲାଗେ ସେତେବେଳେ ଲୋଡା ପଡେ କପେ କଫି। ଏହାବାଦ ପ୍ରାୟ ପ୍ରତି ମାସରେ ମୁଁ ମୋ ସାଙ୍ଗମାନଙ୍କ ସହ ମିଶି ଏକ କଫି ପାର୍ଟିରେ କରିଥାଏ।’ ସୂଚନାଯୋଗ୍ୟଯେ, ଗତବର୍ଷ ରୋହିତ ସେଟ୍ଟିଙ୍କ ‘ସର୍କସ’କୁ ନେଇ ସେ ବେଶ୍ ଆଶା ରଖିଥିଲେ। ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ ହୋଇଥିଲା। ଚଳିତ ବର୍ଷ ଫେବୃୟାରୀ ୨୪ରେ ରିଲିଜ ହୋଇଥିବା ‘ସେଲଫି’ରେ ସେ ଅତିଥି କଳାକାର ଭାବରେ ଅଭିନୟ କରିଥିଲେ।

## ସାଥୀ

# ଏପଟେ ବର୍ଷାକୁ ସେପଟେ ଖରା, ସିଆଣୀ ପ୍ରେମିକା ନ ଦିଏ ଧରା

**ପ୍ରଶ୍ନ**–ଥରେ ବାଟରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ମୁଁ ତା’ ମନର ଗୋଟିଏ କୋଣରେ ଘରଟିଏ କରିସାରିଲିଣି। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ’ଣ କରିବି ?

*–ବିନୟ, ରେଢ଼ାଖୋଲ*

**ଉତ୍ତରः** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା’ ସହ କଥା ହେଲେ ଠିକ୍ ଅଛି, ହେଲେ ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ତେଣୁ ସେହି ଅଜଣା ପ୍ରେମିକାକୁ ଠାବ କରିବା ତ ସହଜ ନୁହେଁ; ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ‘ଏପଟେ ବର୍ଷାକୁ ସେପଟେ ଖରା, ସିଆଣୀ ପ୍ରେମିକା ନ ଦିଏ ଧରା।’ ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–ଅନେକ କହନ୍ତି, ଲାଜରୁ ପ୍ରେମର ସୃଷ୍ଟି। ଏକଥା ପଛରେ କେତେ ସତ୍ୟତା ରହିଛି କହିବେ କି ସାଥୀ ?

*–ସୁଜିତ କୁମାର, ଢେଙ୍କାନାଳ*

**ଉତ୍ତରः** ‘ଲାଜୁଆ ଲାଜୁଆ ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ।’ କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେଲା ବେଳେ ଲାଜ କରନ୍ତି। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ମଗଜ ଖଟାଇ ତାହାକୁ ପଢ଼ି ପାରିଲେ ହେଲା। ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା’ ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହାତଛଡା ହୋଇଯାଇପାରେ।

**ପ୍ରଶ୍ନ**–ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୁଁ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ’ଣ କରିବି ?

*– ରଞ୍ଜନ, ଖୋର୍ଦ୍ଧା*

**ଉତ୍ତରः** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ହଠାତ୍ ବୋଧହୁଏ ଦି ଏଣ୍ଡ୍ ହୋଇଯାଇଛି। ତା’ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତା’ ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ**–ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତ୍ରେ ହସି ଦେଉଛି। କ’ଣ କରିବି ?

*–ବିଶ୍ୱଜିତ, ସୁନାବେଡା*

**ଉତ୍ତରः** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ବୋଧହୁଏ ଆପଣ କେବଳ ବସି ଭାବୁଛନ୍ତି। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମ୍ନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ୍ ସକସେସ୍ ହେବାର ଚାନ୍ସ ଅଧିକ ରହିଛି। ଆଗକୁ କେବଳ ଧାଡି ଦେଖି ମାଡିଯିବା କଥା।



## ପ୍ରଥମ ରୋଜଗାର


# ମହାବୀରଙ୍କ ପାଖେ ଦୀପ ଜଳାଇଥିଲି

କବି, ଅଭିନେତା
**ବାଳକୃଷ୍ଣ ବେହେରା**
ନିଜ ପ୍ରଥମ
ରୋଜଗାର ସମ୍ପର୍କରେ
ଯାହା କୁହନ୍ତି...



**ଜୀ**ବନରେ ସ୍ମୃତି ତ ଅନେକ, ତଥାପି ଏମିତି କେତେକ ଅଭୁଲା ସ୍ମୃତି ଥାଏ ଯାହାକୁ କେବେବି ଭୁଲି ହୁଏନି। ଯେମିତିକି ଜୀବନର ପ୍ରଥମ ରୋଜଗାରର ସ୍ମୃତି। ଘଟଣାଟି ହେଲା ୧୯୯୩ ମସିହାର। ମୁଁ ସେହି ବର୍ଷ ଦଶମ ପରୀକ୍ଷା ଦେଇଥାଏ। ଆମ ଘର ପାଖରେ ଜଣେ ବ୍ରାହ୍ମଣ ପରିବାର ଭଡ଼ା ରହୁଥିଲେ। ସେହି ପରିବାରର ଚନ୍ଦରା ଭାଇ ଦିନେ ମୋତେ ପଚାରିଲେ, ତୋର ତ ପରୀକ୍ଷା ସରିଲାଣି ମୋ ପୁଅଝିଅକୁ ଟିକେ ପଢେଇଲେ ହୁଅନ୍ତାନି। ମୁଁ କହିଲି ହଉ। ସେହି ପିଲା ଦୁହିଁଙ୍କ ଭିତରୁ ଜଣେ କ୍ଲାସ୍–୧ ଓ ଆଉ ଜଣେ କେଜି–୧ରେ ପଢୁଥିଲେ। ସିବିଏସ୍ଇ ପାଟର୍ନ ତେଣୁ ତାଙ୍କୁ ଇଂରାଜୀ ଓ ହିନ୍ଦୀରେ ପଢେଇବାକୁ ପଡିଲା। ମୋ ପଢା ଶୈଳୀ ସେମାନଙ୍କୁ ବେଶ୍ ଭଲ ଲାଗୁଥିଲା ଆଉ ସେମାନେ ମନ ଲଗାଇ ପଢୁଥିଲେ ବି। ଦିନେ ଚନ୍ଦରା ଭାଇ ଓ ଭାଉଜ ଆସି କହିଲେ, ତମେ ତ ତିନି ମାସ ହେଲା ଆସିଲଣି ହେଲେ ପଇସା କଥା କିଛିବି କହୁନ, ଏବେ କୁହ କେତେ ନବ। ଏ କଥା ଶୁଣି ମୋତେ ହସ ଲାଗିଲା ଆଉ କହିଲି, ପଇସା କ’ଣ ନେବି, ପିଲା ଦୁଇଜଣ ମୋତେ ମାନୁଛନ୍ତି ଓ ମୋ କଥାକୁ ବୁଝୁଛନ୍ତି, ମୋ ପାଇଁ ସେତିକି ଯଥେଷ୍ଟ। ତଥାପି ବାଧ କରି ସେମାନେ ସେଦିନ ଫେରିବାବେଳେ ମୋ ହାତରେ କିଛି ଟଙ୍କା ଗୁଞ୍ଜିଦେଲେ। ତାଙ୍କ ସାମ୍ନାରେ ଟଙ୍କାଟି ଗଣି ନଥିଲେ ବି ମନେ ମନେ ଭାରୀ ଖୁସି ହେଉଥିଲି। କାରଣ ତିନି ମାସ କାଳ ସାଇକେଲ ଚଲେଇ, କିଛିବାଟ ବାଲିରେ ଚାଲି ଚାଲି ଯାଇ ଯେଉଁ ପରିଶ୍ରମ କରି ମୁଁ ଟ୍ୟୁଶନ କରୁଥିଲି, ତାହାର ପାରିଶ୍ରମିକ ମୋତେ ଆଜି ମିଳିଥିଲା। ଘରେ ପହଞ୍ଚି ପ୍ରଥମେ ଟଙ୍କାଟିକୁ ଗଣି ବସିଲି, ଦେଖିଲି ୯୦୦ ଟଙ୍କା ଅଛି। ମାନେ ମାସକୁ ପଡ଼ିଲା ୩୦୦ ଟଙ୍କା। ବୋଉ ଆଗରେ ଏକଥା କହିବାରୁ, ସେ ବି ବହୁତ ଖୁସି ହେଲା ଆଉ କହିଲା, ଆସନ୍ତା କାଲି ଯାଇ ମହାବୀରଙ୍କ ପାଖରେ ଦୀପଟାଏ ବସେଇ ଦେବାକୁ। ସେଇଆ କଲି, ଦୀପ ବସାଇ ସାରିବା ପରେ ବାକି ଯାହା ଟଙ୍କା ବଳିଲା ସେ ସବୁକୁ ନେଇ ବୋଉକୁ ଦେଇଦେଲି। ବୋଉ କହିଲା, ଆରେ ମୋତେ କ’ଣ ଦେଉଛୁ ତୁ ରଖ, ଆଗକୁ ତୋ କାମରେ ଲାଗିବ। ବାବା ବି ଏକଥା ଶୁଣି କହିଲେ, ସେ ପଇସାରେ ଆମେ କ’ଣ ଚାଉଳ କିଣିବୁ, ତୁ ରଖ ତୋର ଡ୍ରେସ କରିବୁ। ପାଖରେ ଭାଇ ଠିଆ ହୋଇଥିଲା ସେ କହିଲା, ଆରେ ଆଗକୁ ଫର୍ମ ପଡିବ କଲେଜରେ ରଖିଥା କାମରେ ଲାଗିବ। ବାସ୍ ସେହି ପଇସା ମୋର କଲେଜରେ ଫର୍ମ ଫିଲପ୍ ଓ ବହିଖାତା କିଣାକିଣିରେ ଖର୍ଚ୍ଚ ହୋଇଥିଲା। ତା’ପରଠୁ ନିଜେ ପଢିବା ସହ ଆହୁରି ଅଧିକା ପିଲାଙ୍କୁ ଟ୍ୟୁଶନ କରିବାକୁ ଲାଗିଲି। ଏହିପରି ଭାବେ ମୋର ଗ୍ରାଜୁଏଶନ୍ ସରିଗଲା। ତା’ପରେ ମୁଁ ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି ଅଧିନରେ ଚକ୍ଷୁ ବିଭାଗରେ ୱାର୍ଡ ଆଟେନ୍‌ଡାଣ୍ଟ ଭାବେ କାମ କରିବାକୁ ଲାଗିଲି ଆଉ ଏବେ ବି କରୁଛି। ହେଲେ କାର୍ଯ୍ୟ ବ୍ୟସ୍ତତା ଭିତରେ ଆଉ ଟ୍ୟୁଶନ କରିପାରିଲିନି। କିନ୍ତୁ ଗପ, କବିତା ଲେଖିବାର ସଉକକୁ ବଜାୟ ରଖିଛି। ତା’ସହିତ ମୁଁ ହେଲି ପୁରୀ ଅନ୍ନପୂର୍ଣ୍ଣା ଥିଏଟର୍‌ର ଏ ଗ୍ରୁପ୍‌ର ଜଣେ ଏ ଗ୍ରେଡ୍ ଆର୍ଟିଷ୍ଟ। ଅଭିନୟ ପ୍ରତି ରୁଚି ଥିବାରୁ ୟା’ ଭିତରେ ଦୂରଦର୍ଶନ ସମେତ ଅନ୍ୟାନ୍ୟ ଓଡ଼ିଆ ଚ୍ୟାନେଲ୍‌ରେ ମଧ୍ୟ ବିଭିନ୍ନ ଧାରାବାହିକରେ ଅଭିନୟ କରିସାରିଲିଣି। ତେବେ ଏସବୁ ସଫଳତା ମୋତେ ଯେତିକି ଖୁସି ଦିଏନି, ତା’ଠାରୁ ଅଧିକ ଆତ୍ମସନ୍ତୋଷ ଦିଏ ମୋଠାରୁ ଶିକ୍ଷା ଗ୍ରହଣ କରିଥିବା ପିଲାମାନଙ୍କ ଭିତରେ କିଏ ଇଂଜିନିୟର ତ କିଏ ଡ଼ାକ୍ତର ପୁଣି କିଏ ଫ୍ୟାଶନ ଡିଜାଇନର୍ ଠାରୁ ଆରମ୍ଭ କରି ବ୍ୟାଙ୍କ ମ୍ୟାନେଜର ଏମିତି କେତେ ଭଲଭଲ ଚାକିରୀ ସବୁ କରିଥିବାର ଖବର ଶୁଣି। କିଏ କିଏ ତ ବାହା ବି ହୋଇ ଗଲେଣି, ତଥାପି ଯେଉଁଠି ଦେଖନ୍ତି ଆସିକି ପାଦ ଛୁଇଁ ପ୍ରଣାମ କରନ୍ତି। ସାର୍ କହି ଦେଲେ ମୋ ଛାତି କୁଣ୍ଢେମୋଟ ହୋଇଯାଏ। ବେଳେବେଳେ ସେମାନଙ୍କ ଅଭିଭାବକମାନେ ଦେଖାହେଲେ କୁହନ୍ତି, ସାର୍ ଆପଣ ଯେଉଁ ମୂଳଦୁଆ ପକେଇଛନ୍ତି, ତାହା ଏତେ ମଜଭୁତ୍ ଯେ, ଆପଣଙ୍କ ଶିଷ୍ୟମାନେ କେବେ କେଉଁଠି ହାରିବେ ନାହିଁ। ବାସ୍ ଏହି କଥା ପଦକରେ ହିଁ ମୋ ଛାତି କୁଣ୍ଢେମୋଟ ହୋଇଯାଏ।

# ପୋଟ୍‌ଲି ବ୍ୟାଗ୍ ଫ୍ୟାଶନ





**ପାର୍ଟି ଫଙ୍କଶନ୍‌ରେ ଟ୍ରାଡିସନାଲ୍ ହେଉ ଅବା ଏଥେନିକ୍ ଆଉଟ୍‌ଫିଟ୍ ସାଙ୍ଗରେ ମ୍ୟାଚିଂ କରି ହାତରେ ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ଧରିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏବେ ତ ପୋଟ୍‌ଲି ବ୍ୟାଗ୍‌ର ଟ୍ରେଣ୍ଡ ଖୁବ୍ ଚାଲିଥିବାର ଦେଖିବାକୁ ମିଳୁଛି। ଏହାର ମଧ୍ୟ ଅନେକ ଭେରାଇଟି ରହିଛି; ଯାହାକୁ ଟ୍ରାଏ କରି ନାରୀମାନେ ଅତି ସହଜରେ ଆକର୍ଷଣୀୟ ପାର୍ଟି ଲୁକ୍ ପାଇପାରିବେ...**



* **ପିଙ୍କ୍ ପୋଟ୍‌ଲି ବ୍ୟାଗ୍:** ବାହାଘର, ପାର୍ଟି ଆଦିରେ ଯଦି ଆପଣଙ୍କର ପିଙ୍କ୍ କଲର୍‌ର ଶାଢ଼ି କିମ୍ବା କୌଣସି ହେଭି ଡିଜାଇନ୍‌ର ଆଉଟ୍‌ଫିଟ୍ ପିନ୍ଧିବାର ପ୍ଲାନିଂ ଅଛି, ତା'ହେଲେ ତା'ସହିତ ମ୍ୟାଚିଂ କରି ପିଙ୍କ୍ କଲର୍‌ର ଯେ କୌଣସି ଟ୍ରାଡିସ୍‌ନାଲ୍ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିପାରିବେ। ଏହା ଆପଣଙ୍କୁ ଗର୍ଜିୟସ୍ ଲୁକ୍ ଦେବ।
* **ବ୍ରାଇଡାଲ୍ ପୋଟ୍‌ଲି ବ୍ୟାଗ୍:** ବାହାଘର ଦିନ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିବା ପାଇଁ ଲେହେଙ୍ଗାକୁ ମ୍ୟାଚିଂ କରି ଯେ କୌଣସି ଡିଜାଇନ୍‌ର ବ୍ରାଇଡାଲ୍ ପୋଟ୍‌ଲି ବ୍ୟାଗ୍ ଆରାମରେ କ୍ୟାରି କରାଯାଇପାରେ।
* **ଗ୍ରୀନ୍ କଲର୍ ପୋଟ୍‌ଲି ବ୍ୟାଗ୍:** ମେହେନ୍ଦି ଫଙ୍କଶନ୍‌ରେ ଗ୍ରୀନ୍ କଲର୍‌ର ପୋଟ୍‌ଲି ବ୍ୟାଗ୍ ଟ୍ରାଏ କଲେ ଲୁକ୍‌କୁ ପରଫେକ୍ଟ ମ୍ୟାଚ୍ କରିଥାଏ। ଖାସ୍ କରି ଗ୍ରୀନ୍ କଲର୍‌ର ଶାଢ଼ି ସାଙ୍ଗରେ ଏହି କଲର୍‌ର ପୋଟ୍‌ଲି ବ୍ୟାଗ୍ ଅଧିକ ସୁନ୍ଦର ଦେଖାଯାଇଥାଏ।
* **ଲାଇଟ୍ କଲର୍‌ର ପୋଟ୍‌ଲି ବ୍ୟାଗ୍:** ଅଧିକାଂଶ ସମୟରେ ଦେଖାଯାଏ, ପ୍ରି-ୱେଡିଙ୍ଗ୍ ଫଙ୍କଶନ୍ ପ୍ରାୟତଃ ଦିନବେଳା ହୋଇଥାଏ। ଦିନବେଳା ହେଉଥିବା ଏହି ଫଙ୍କସନ୍‌ରେ ଆପଣ ଚାହିଁଲେ ଲାଇଟ୍ କଲର୍‌ର ଯେ କୌଣସି ପୋଟ୍‌ଲି ବ୍ୟାଗ୍‌କୁ ଟ୍ରାଏ କରିପାରିବେ। କାରଣ ଏହା ସବୁ ପ୍ରକାରର ଆଉଟ୍‌ଫିଟ୍ ସହ ଭଲ ମ୍ୟାଚ୍ କରିଥାଏ।
* **ମ୍ୟାଚିଂ ପୋଟ୍‌ଲି ବ୍ୟାଗ୍:** କେବଳ ଶାଢ଼ି, ଲେହେଙ୍ଗା କାହିଁକି ପାର୍ଟି ଫଙ୍କଶନ୍‌ରେ ଯୁବତୀମାନେ ଚାହିଁଲେ ଅନାରକଲି ଡ୍ରେସ୍ ହେଉ ଅବା ସାଲୱାର୍ ସୁଟ୍ ସହ ମଧ୍ୟ ମ୍ୟାଚିଂ ପୋଟ୍‌ଲି ବ୍ୟାଗ୍ କ୍ୟାରି କରିପାରିବେ।
* **ଫର୍ ଡିଜାଇନ୍ ପୋଟ୍‌ଲି ବ୍ୟାଗ୍:** ଆଜିକାଲି ଫର୍ ଡିଜାଇନ୍ ପୋଟ୍‌ଲି ବ୍ୟାଗ୍ ବି ମିଳିଲାଣି। ଖାସ୍‌କରି ଧଳା ରଙ୍ଗର ଫର୍ ଡିଜାଇନ୍ ହୋଇଥିବା ପୋଟ୍‌ଲି ବ୍ୟାଗ୍‌କୁ ଆପଣ ନେଟ୍ ଡିଜାଇନ୍ ଶାଢ଼ି ସହ କ୍ୟାରି କଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।
* **ଇଣ୍ଡୋ-ୱେଷ୍ଟର୍ନ ଡ୍ରେସ୍ ସହ ପୋଟ୍‌ଲି ବ୍ୟାଗ୍:** କେବଳ ଟ୍ରାଡିସ୍‌ନାଲ୍ କି ଏଥେନିକ୍ ଆଉଟ୍‌ଫିଟ୍ କାହିଁକି ଆପଣ ଚାହିଁଲେ ଇଣ୍ଡୋ-ୱେଷ୍ଟର୍ନ ଡ୍ରେସ୍ ସହ ମଧ୍ୟ ପୋଟ୍‌ଲି ବ୍ୟାଗ୍‌କୁ କ୍ୟାରି କରିପାରିବେ। ଖାସ୍ କରି ଏହି ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କରି ଗୋଲ୍ଡେନ୍ ହେଉ କିମ୍ବା ସିଲ୍‌ଭର୍ କଲର୍‌ର ପୋଟ୍‌ଲି ବ୍ୟାଗ୍ ଟ୍ରାଏ କଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ।

**ଜାଣିବା କଥା**

- ଶାଢ଼ି ସାଙ୍ଗରେ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିବା ସମୟରେ ଧ୍ୟାନ ଦେବେ, ଯେମିତି ଏହା ଶାଢ଼ି ସାଙ୍ଗକୁ ଠିକ୍ ଭାବରେ ହାଇଲାଇଟ୍ ହୋଇପାରୁଥିବ।
- ଷ୍ଟୋନ କିମ୍ବା ଜୁଏଲେରୀ ଖଚିତ ପୋଟ୍‌ଲି ବ୍ୟାଗ୍‌କୁ କେବେ ବି ହେଭି ୱାର୍କ ବାଲା ଆଉଟ୍‌ଫିଟ୍ ସହ କ୍ୟାରି କରିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ପୋଟ୍‌ଲି ବ୍ୟାଗ୍‌ର ଆକର୍ଷଣ ଫିକା ପଡିଗଲା ଭଳି ଜଣାଯାଇଥାଏ।



ଚନ୍ଦ୍ରିକା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଯାହା ଜାଣିଛ

ଶିକ୍ଷକ ପପୁକୁ: କାଲି ମୁଁ ଯେଉଁ ପୋଏମ୍ ପଢେଇଥିଲି ତାକୁ ଶୁଣେଇଲୁ।
ପପୁ: ସାର୍ ମୋର ମନେ ନାହିଁ।
ଶିକ୍ଷକ: ତୋର ଯାହା ମନେ ଅଛି କହ।
ପପୁ (ଭାବିକି): ହଉ ସାର କହୁଛି- 'ଜାନେ ମେରି ଜାନେମନ, ବଚପନ କା ପ୍ୟାର ମେରା ଭୁଲ ନହିଁ ଜାନାରେ'।

### ଇଣ୍ଟରେଷ୍ଟ

ଯୁବକ ଜଣେ ଯୁବତୀକୁ: ତମେ ମତେ ଲୋନ୍ ଦେଇଥିଲ କି?
ଯୁବତୀ : ନାଇଁ ତ।
ଯୁବକ: ତା'ହେଲେ ତୁମ ଆଡକୁ ମୋର ଇଣ୍ଟରେଷ୍ଟ କାହିଁକି ବଢି ବଢି ଯାଉଛି?

### ନାଁ

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ତୁମ ନାଁ ମୁଁ ମୋ ହୃଦୟରେ ଲେଖିବି ନା ହାତରେ?
ଗର୍ଲଫ୍ରେଣ୍ଡ: ତମେ ଯଦି ମତେ ଏତେ ଭଲ ପାଉଛ ତେବେ ତୁମ ପ୍ରପର୍ଟି ପେପର୍‌ରେ ମୋ ନାଁ ଲେଖିଦିଅ।





# ଅନନ୍ୟ ଦୁର୍ଗ ଖିମସର୍




**ରାଜସ୍ଥାନର ନାଗାଉର୍ ଜିଲା ଅନ୍ତର୍ଗତ ଖିଁଓସର୍ ଗାଁ ନିକଟରେ ରହିଛି ଏହି ଐତିହାସିକ ଦୁର୍ଗ ଖିମସର୍; ଯାହାର ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଅଦ୍ଭୁତ ବାସ୍ତୁକଳା ଓ ଭବ୍ୟତା ପାଇଁ ଏହା ରାଜସ୍ଥାନର ସବୁଠାରୁ ସୁନ୍ଦର ଦୁର୍ଗର ମାନ୍ୟତା ବି ପାଇଛି। କେବଳ ସେତିକି ନୁହେଁ ଅପୂର୍ବ ସୌନ୍ଦର୍ଯ୍ୟ ପାଇଁ ଏହି ଦୁର୍ଗଟିକୁ ପରେ ଏକ ହେରିଟେଜ୍ ହୋଟେଲ୍‌ରେ ମଧ୍ୟ ପରିଣତ କରି ଦିଆଯାଇଛି। ଯେଉଁଥିପାଇଁ ରାଜକୀୟ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକମାନଙ୍କର ଏଠାରେ ବେଶ୍ ଭିଡ଼ ଜମୁଥିବାର ଦେଖିବାକୁ ମିଳୁଛି...**

ରାଜସ୍ଥାନର ନାଗାଉର୍ ଜିଲାରେ ରହିଛି ଅପୂର୍ବ ସୌନ୍ଦର୍ଯ୍ୟଭରା ଏକ ଐତିହାସିକ ଦୁର୍ଗ ; ଯାହାର ନାଁ ହେଉଛି ଖିମସର୍ ଦୁର୍ଗ। ପର୍ଯ୍ୟଟକଙ୍କ ରୁଚିକୁ ଚାହିଁ କ୍ରମେ ଏହି ଦୁର୍ଗକୁ ଏକ ହେରିଟେଜ୍ ହୋଟେଲ୍‌ର ମାନ୍ୟତା ମିଳିଛି ; ଯେଉଁଠାରେ ପର୍ଯ୍ୟଟକ ବୁକିଂ କରି ରହିପାରିବେ ଏବଂ ରାଜକୀୟ ଆତିଥେୟର ଭରପୂର ମଜା ନେଇପାରିବେ। କିନ୍ତୁ ଏଥିପାଇଁ ସେମାନଙ୍କୁ ମୋଟା ଅଙ୍କର ଟଙ୍କା ବି ଖର୍ଚ୍ଚ କରିବାକୁ ହେବ। ତେବେ ଏହି ଐତିହାସିକ ଦୁର୍ଗ ବା ହେରିଟେଜ୍ ହୋଟେଲ୍‌ରେ କ'ଣ ସବୁ ଖାସ୍ ରହିଛି ଆସନ୍ତୁ ଜାଣିବା ...

### ଖିମସର୍ ଦୁର୍ଗର ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଆଜକୁ ପ୍ରାୟ ୫୦୦ ବର୍ଷ ତଳେ ରାଜା ରାଓ କରମଜୀଙ୍କ ଦ୍ୱାରା ଏହି ଦୁର୍ଗଟି କୁଆଡେ ନିର୍ମାଣ କରାଯାଇଥିଲା। ହେଲେ ଏହି ଦୁର୍ଗର ଆକର୍ଷଣୀୟ ବାସ୍ତୁକଳାକୁ ଦେଖି ଅନ୍ୟ ଶତ୍ରୁ ରାଜାମାନଙ୍କର ମଧ୍ୟ ଏହା ପ୍ରତି ଲୋଭ ବଢିଥିଲା। ଯେଉଁଥିପାଇଁ ଅତୀତରେ ଏହି ଦୁର୍ଗକୁ ଅକ୍ତିଆର କରିବାକୁ ନେଇ ଅନେକ ରାଜକୀୟ ଯୁଦ୍ଧ ହୋଇଥିବାର ନଜିର ରହିଛି।





### ଖିମସର୍ ଦୁର୍ଗର ଆକର୍ଷଣ

ସୂଚନାନୁଯାୟୀ, ପ୍ରାୟ ୧୧ ଏକର ଜମି ଉପରେ କୁଆଡ଼େ ଏହି ଦୁର୍ଗଟି ନିର୍ମିତ ହୋଇଛି। ଏଠାରେ ରହିଛି ଅନେକ ବଡ଼ ବଡ଼ କୋଠରୀ, ଯାହାକୁ ଏବେ ପର୍ଯ୍ୟଟକଙ୍କ ରହଣୀ ନିମନ୍ତେ ଆଲିସାନ୍ ରୁମ୍‌ର ରୂପ ଦିଆଯାଇଛି। ତା'ସହିତ ଏହି ଦୁର୍ଗ ଭିତରେ ରହିଛି ଏକ ବଡ଼ ସୁଇମିଂ ପୁଲ, ବାସ୍ତୁକଳାପୂର୍ଣ୍ଣ ଉଚ୍ଚ ଉଚ୍ଚ ଖମ୍ଭ, ସୌନ୍ଦର୍ଯ୍ୟପୂର୍ଣ୍ଣ ବଗିଚା, ବଡ଼ ଅଗଣା ତଥା ଆକର୍ଷଣୀୟ ବାସ୍ତୁକଳାରେପୂର୍ଣ୍ଣ ଖୁବ୍ ସୁନ୍ଦର ସୁନ୍ଦର ମୂର୍ତ୍ତିମାନ। ସବୁଠୁ ବଡ଼ କଥା ହେଉଛି ଏହି ଦୁର୍ଗ ଭିତରେ ପ୍ରାୟ ୫୦ ପ୍ରଜାତିର ସୁନ୍ଦର ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ ; ଯେଉଁମାନଙ୍କର କାକଳି ପର୍ଯ୍ୟଟକଙ୍କୁ ବେଶ୍ ଆନମନା କରିଥାଏ। ତା'ଛଡ଼ା ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କର ଆତିଥେୟରେ ଯେମିତି କିଛି ବି ଅସୁବିଧା ନ ହୁଏ, ସେଥିପାଇଁ ଏଠାରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଏଠାକାର କର୍ମଚାରୀଙ୍କୁ ମଧ୍ୟ ଏଥିପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଇଥାଏ। ସେମାନେ ଖୁବ୍ ନମ୍ର ଓ ଭଦ୍ରାମୀର ସହ ପର୍ଯ୍ୟଟକଙ୍କର ସବୁ ଭଲମନ୍ଦ କଥା ବୁଝିଥାନ୍ତି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ବି ଶୀତଦିନ ହେଉଛି ଏଥିପାଇଁ ସର୍ବୋତ୍ତମ। କାରଣ ଏହି ସମୟରେ ଏଠାକାର ତାପମାତ୍ରା ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ଥାଏ। ତ'ଛଡ଼ା ଏହି ଖିମସର୍ ଦୁର୍ଗ ନିକଟରେ ବି ଆହୁରି ଛୋଟବଡ଼ ଅନେକ ଦୁର୍ଗ ରହିଛି ; ଯାହାକୁ ପର୍ଯ୍ୟଟକ ବୁଲି ଦେଖି ମଧ୍ୟ ପାରିବେ। ସବୁଠୁ ବଡ଼ କଥା ହେଉଛି ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏଠାରେ ଓଟ ତଥା ଜିପ୍ ସଫାରୀର ମଧ୍ୟ ସୁବିଧା ରହିଛି। ଫଟୋଗ୍ରାଫି ପାଇଁ ବି ଏଠାରେ ଅନେକ ସୁବିଧା ଉପଲବ୍ଧ ଅଛି। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି।





# ପାଦ ଛୁଇଁ ପ୍ରଣାମ



**ବଡ଼ଙ୍କୁ ସମ୍ମାନ ଦେବା ଓ ତାଙ୍କ ଆଶୀର୍ବାଦ ନେବାର ଏକ ମାଧ୍ୟମ ହେଉଛି ପାଦ ଛୁଇଁ ପ୍ରଣାମ କରିବା। ଏହା ଆମ ଭାରତୀୟ ସଂସ୍କୃତିର ଏକ ମହାନ ପରମ୍ପରା। ତେବେ ପାଦ ଛୁଇଁ ପ୍ରଣାମ କେବଳ ଆମ ସଂସ୍କୃତି, ପରମ୍ପରାର ଅଂଶ ନୁହେଁ ଏଭଳି କରିବା ପଛରେ ବୈଜ୍ଞାନିକ କାରଣ ବି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**







ପାଦ ଛୁଇଁ ପ୍ରଣାମ କରିବା ହେଉଛି ଭାରତୀୟ ସଂସ୍କୃତିର ଏକ ମହାନ ପରମ୍ପରା। ନିଜ ବୟସଠାରୁ ବଡ଼ ତଥା ବିଦ୍ୱାନ ବ୍ୟକ୍ତିଙ୍କ ସହ ଦେଖା ହେବା ମାତ୍ରେ ଆମେ ମୁଣ୍ଡ ତଳକୁ ନୁଆଇଁ ଦୁଇ ହାତରେ ବ୍ୟକ୍ତିଙ୍କ ପାଦକୁ ସ୍ପର୍ଶ କରି ମୁଣ୍ଡିଆ ମାରୁ। ବଡ଼ଙ୍କୁ ସମ୍ମାନ ଦେବା ଓ  ତାଙ୍କ ଆଶୀର୍ବାଦ ନେବାର ଏହା ହେଉଛି ଏକ ମାଧ୍ୟମ। ପାଦ ଛୁଇଁ ପ୍ରଣାମ କେବଳ ଆମ ସଂସ୍କୃତି, ପରମ୍ପରାର ଅଂଶ ନୁହେଁ ଏହାପଛରେ ବୈଜ୍ଞାନିକ କାରଣ ବି ରହିଛି। ପିଲାଟି ଦିନରୁ ବୟୋଜ୍ୟେଷ୍ଠଙ୍କ ପାଦ ସ୍ପର୍ଶ କରି ମୁଣ୍ଡିଆ ମାରିବା ପ୍ରତି ଘରେ ଶିଖାଯାଇଥାଏ। ସେ ସ୍କୁଲ ଯିବା ପୂର୍ବରୁ, ଅଫିସ ଯିବା ପୂର୍ବରୁ ହେଉ କି ପ୍ରଥମ କରି କୌଣସି କାର୍ଯ୍ୟ ଆରମ୍ଭ କରିବାବେଳେ ଅବା ବୟୋଜ୍ୟେଷ୍ଠଙ୍କୁ ଭେଟିବା ମାତ୍ରେ ଆମେ ପାଦ ସ୍ପର୍ଶ କରି ମୁଣ୍ଡିଆ ମାରୁ। ଏହାଦ୍ୱାରା ବଡ଼ମାନଙ୍କ ଆଶୀର୍ବାଦ ତ ଲାଭ ହୁଏ ତା'ସହ ଆମ ଶରୀର ମଧ୍ୟକୁ ତାଙ୍କର ସକାରାତ୍ମକ ଊର୍ଜା ବି ପ୍ରବେଶ କରେ। ସରଳ ଭାଷାରେ କହିବାକୁ ଗଲେ ଆମ ଶରୀରରେ ଅନେକ ତନ୍ତ୍ରିକା ବା ଶୀରା ପ୍ରଶିରା ଅଛି। ଏହି ତନ୍ତ୍ରିକାଗୁଡ଼ିକ ମସ୍ତିଷ୍କରୁ ଆରମ୍ଭ ହୋଇ ହାତ ପାଦର ଅଙ୍ଗୁଳିରେ ଶେଷ ହୁଏ। ତା'ସହ ଆମ ଶରୀରରେ ମସ୍ତିଷ୍କଠାରୁ ଆରମ୍ଭ କରି ପାଦ ପର୍ଯ୍ୟନ୍ତ ଏହା ଦ୍ୱାରା ଲଗାତାର ଊର୍ଜା ସଂଚାର ହୋଇଥାଏ। ସେଥିପାଇଁ ଆମେ ଯେବେ କାହାରି ପାଦ ସ୍ପର୍ଶ କରୁ ସେହି ବ୍ୟକ୍ତିଙ୍କ ଊର୍ଜା ଆମ ହାତ ମାଧ୍ୟମରେ ଶରୀର ଭିତରକୁ ପ୍ରବେଶ କରେ। ଆଉ ଦୁହିଁଙ୍କ ମସ୍ତିଷ୍କ ଓ ହୃଦୟ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥାଏ। ଏହାବାଦ୍ ଯେବେ ଆମେ ସଠିକ ଉପାୟରେ ଚରଣ ସ୍ପର୍ଶ କରୁ ଅର୍ଥାତ୍ ଆମେ ଅଣ୍ଟା ନୁଆଇଁ ବାମ ହାତ ଅଙ୍ଗୁଳି ଦ୍ୱାରା ସାମ୍ନାରେ ଥିବା ବ୍ୟକ୍ତିଙ୍କ ଡାହାଣ ପାଦ ଓ ଡାହାଣ ହାତର ଅଙ୍ଗୁଳିରେ ବ୍ୟକ୍ତିଙ୍କ ବାମ ପାଦ ସ୍ପର୍ଶ କରୁ ଶରୀରରେ ବୈଦ୍ୟୁତିକ ଊର୍ଜାର ଚକ୍ର ତିଆରି ହୋଇଥାଏ। ଆଉ ସାମ୍ନାରେ ଥିବା ବ୍ୟକ୍ତିଙ୍କ ଊର୍ଜା ଆମ ଶରୀରରେ ପ୍ରବେଶ କରେ।

# ବଡ଼ ଭାଓଲିନ



ଭାଓଲିନ୍‌ର ଧୂନ ବହୁତ ଭଲ ଲାଗେ। ବାମ ହାତ ଓ କାନ୍ଧ ସାହାଯ୍ୟରେ ଭାଓଲିନ୍‌କୁ ଧରି ଡାହାଣ ହାତରେ ଏହାର ଷ୍ଟିକ୍‌କୁ ଧରି ବଜାଯାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ବି ଏକ ଭାଓଲିନ ଅଛି, ଯାହାକୁ ହାତରେ ଧରି ବଜାଇବା ଅସମ୍ଭବ। କେବଳ ସେତିକି ନୁହେଁ ଏହାକୁ ବଜାଇବା ଲାଗି ତିନି ଜଣ ଆବଶ୍ୟକ ପଡ଼ନ୍ତି। କାରଣ ଏଇ ଭାଓଲିନ୍‌ଟି ହେଉଛି ପୃଥିବୀର ସବୁଠାରୁ ବଡ଼ ଭାଓଲିନ୍। ଯାହାର ଉଚ୍ଚତା ୪.୨୮ ମିଟର ହୋଇଥିବାବେଳେ ଓସାର ୧.୪ ମିଟର ଓ ଓଜନ ୧୩୦ କି.ଗ୍ରା.। ୨୦୧୦ରେ ଏହାକୁ ଜର୍ମାନୀର ୧୫ ଜଣ ଭାଓଲିନ୍ ନିର୍ମାତା ମିଶି ତିଆରି କରିଥିଲେ। ଏହାକୁ ତିଆରି କରିବା ଲାଗି ପ୍ରାୟ ୨୦୦୦ ଘଣ୍ଟା  ବା ୮୩ ଦିନ ସମୟ ଲାଗିଥିଲା। ଏହାର ଷ୍ଟିକ୍ ବା ବୋ'ର ଲମ୍ବ ୫.୨୨ ମିଟର। ତେଣୁ ଏହାକୁ ବଜାଇବା ଲାଗି ତିନି ଜଣ ଆବଶ୍ୟକ ପଡ଼ନ୍ତି।



# ସର୍ବଜାଣଙ୍କ ବଖାଣ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଦୁନିଆରେ ଏକ ସ୍ୱତନ୍ତ୍ର ପ୍ରକାରର ମାନବ ଜାତି ହେଲେ ସର୍ବଜାଣ। ଅନ୍ୟକୁ ଉପରେ ପଡ଼ି ଅନାବଶ୍ୟକ ଭାବେ ନିଜର ରାୟ ଅର୍ଥାତ୍ ଉପଦେଶ ଦେବାରେ ଏମାନେ କେବେ ହେଳା କରନ୍ତି ନାହିଁ। ଏମାନେ ପ୍ରାୟତଃ ସବୁ ଦେଶରେ ଦେଖିବାକୁ ମିଳନ୍ତି। କିନ୍ତୁ ଆମ ଦେଶରେ ଯେତିକି ପ୍ରଜାତି ତଥା ଉପଜାତିର ସର୍ବଜାଣ ଦୃଶ୍ୟମାନ ହୁଅନ୍ତି, ତାହା ପୃଥିବୀରେ ବିରଳ। ଏମାନଙ୍କୁ ଆପଣ ଚାହା ଦୋକାନ, ଅଫିସ, ଖଟି, ସାମାଜିକ ଗଣମାଧ୍ୟମ ଇତ୍ୟାଦି କୌଣସି ବି ଜାଗାରେ ଭେଟିପାରିବେ। ଏମିତି କୁହନ୍ତୁ, ଏମାନଙ୍କୁ ଆପଣ ଖୋଜିବା ଦରକାର ନାହିଁ। ଏମାନେ ଆପେ ଆପେ ଆପଣଙ୍କ ପାଖରେ ପହଞ୍ଚିଯାଆନ୍ତି। ଏମାନେ ବିବିଧ ଜ୍ଞାନରେ ଜ୍ଞାନୀ। ପୃଥିବୀର ଏପରି କୌଣସି ସମସ୍ୟା ନାହିଁ, ଯାହା ଉପରେ ଏମାନେ ନିଜର ସୁଚିନ୍ତିତ ଉପଦେଶ ଦେଇ ନ ପାରିବେ। କୌଣସି ଆବଶ୍ୟକତା ନ ଥାଇ ମଧ୍ୟ ଏମାନେ ଅନର୍ଗଳ ନିଜର ପାଣ୍ଡିତ୍ୟ ଦେଖେଇ ହେବାରେ କୁଣ୍ଠା କରନ୍ତି ନାହିଁ। ସର୍ବଜାଣ ହେବା ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ଦରକାର ନାହିଁ, କେବଳ ବେସରମ ଗୁଣ ଟିକେ ଥିଲେ ହେଲା। ଯଦି ଅନ୍ୟର କଥା ମଝିରେ ଧସେଇ ପଶିବା ଅଭ୍ୟାସ ଥିବ, ତେବେ ଏ କ୍ଷେତ୍ରରେ ଶୀଘ୍ର ପ୍ରସିଦ୍ଧି ପାଇଯିବ । ବିତଣ୍ଡା ଯୁକ୍ତିରେ ଶେଷଯାଏ ନିଜ କଥାରେ ଅଟଳ ରହିବା, 'ଅ' ପ୍ରଶ୍ନର ଉତ୍ତର 'ଆ'ରେ ଦେବା ଓ ଅନ୍ୟମାନଙ୍କଠାରୁ ସେ ଅଧିକ ଜାଣିଛି ବୋଲି ପ୍ରତ୍ୟୟ ଦେଇପାରୁଥିବା ଗୁଣ ଏମାନଙ୍କର ଆଉ ଏକ ବିଶେଷତ୍ୱ।

କିଛି ଭଲ ସର୍ବଜାଣ ଅଛନ୍ତି। ସେମାନଙ୍କ କଥା କିଏ ନ ଶୁଣିଲେ ବି ସେମାନେ ଏକ ବୃହତ୍ ସ୍ୱାର୍ଥ ପାଇଁ ନିଜର ରାୟ ଦେବାରେ କେବେ ହେଳା କରନ୍ତି ନାହିଁ। ଏଇ ଧରିନିଅନ୍ତୁ ଜଣଙ୍କ କବିତା ପ୍ରକାଶିତ ହେଲା ପରେ ଏମାନଙ୍କ ମନ୍ତବ୍ୟ ଥିବ ତଳ ଦୁଇ ଲାଇନ୍ ଓ ପ୍ରଥମ ଲାଇନ୍‌ର ତିନିଟା ଶବ୍ଦ ଅନାବଶ୍ୟକ। ତାକୁ କାଟିଦିଅ। ଛାତ୍ରୀଛାତ୍ରମାନେ ସେମାନଙ୍କ ଉପଦେଶକୁ ନିର୍ମାଲ୍ୟ ଭାବି ଆଣ୍ଠୁମ ପ୍ରଣାମ କରୁଥିଲେ ବି ଗୁରୁଜନଙ୍କ କଥା ମାନି କେବେ ଗୋଟିଏ ବି ଶବ୍ଦ କାଟିବାର ମୋ ଦୃଷ୍ଟିକୁ ଆସିନି।

ଆଉ ଗୋଟେ ପ୍ରକାରର ସାହିତ୍ୟିକ ସର୍ବଜାଣ ଏବେ ବହୁଳଭାବେ ଦୃଶ୍ୟମାନ ହେଉଛନ୍ତି। ଏମାନଙ୍କୁ ଆତ୍ମମୁଗ୍ଧ ସର୍ବଜାଣ କୁହାଯାଏ। ଏମାନଙ୍କ ପାଖରେ ଶତାବ୍ଦୀର ଶ୍ରେଷ୍ଠ ଉଦ୍ଭାବନ 'ସାହିତ୍ୟ ଶୁଦ୍ଧତା ମାପକ ଯନ୍ତ୍ର' ଥାଏ। କାହାର ଲେଖାଟିଏ ପ୍ରକାଶିତ ହେଲାମାତ୍ରେ ଏମାନେ ନିଜଆଡୁ ମାପକ ଯନ୍ତ୍ର ପକେଇ କହିଦେବେ ଏହାଦ୍ୱାରା ସାହିତ୍ୟର ଭବିଷ୍ୟତ ଅନ୍ଧାର ହେବ କି ଉଜ୍ଜ୍ୱଳ। ମଜା କଥା ହେଲା ଏ କିସମର ସର୍ବଜାଣମାନେ ଅନ୍ୟର ସୃଷ୍ଟିକୁ ମୂଲ୍ୟାୟନ କଲା ବେଳେ ନିଜର ସୃଷ୍ଟିକୁ ଉହ୍ୟ ରଖନ୍ତି ।

କିଛି ସର୍ବଜାଣ ଅଛନ୍ତି ସେମାନେ ପୃଥିବୀର ଯେକୌଣସି ସମସ୍ୟା ଉପରେ ନିଜର ସୁଚିନ୍ତିତ ମତ ରଖିପାରନ୍ତି । ଧୋନୀ ଖେଳିବ କି କୋହଲି ଖେଳିବ, ପଞ୍ଚୁପୁରି ଟଙ୍କିଆ କଏନ ଜାଗାରେ ସବୁଠି ଟଙ୍କିଆ କଏନ କାହିଁକି ହେଲାନି, ପୁଟିନ ୟୁକ୍ରେନ୍‌ର କେଉଁ ସହର ଉପରେ କେଉଁ ବମ୍ ପକେଇବା କଥା ଇତ୍ୟାଦି ଇତ୍ୟାଦି । ତାଙ୍କ କଥାରୁ ଏମିତି ଲାଗିବ ଯେମିତି ପୁଟିନ ବମ୍ ପକେଇବା ପୂର୍ବରୁ ଯାଙ୍କ ସହ ଆଲୋଚନା ନ କରି ମସ୍ତବଡ଼ ଭୁଲ୍ କରୁଛନ୍ତି । ଏମାନେ ରାଜନୀତିଠାରୁ ନେଇ ଅର୍ଥନୀତି ପର୍ଯ୍ୟନ୍ତ ଓ କ୍ରିକେଟଠାରୁ ନେଇ ବଲିଉଡ୍ ପର୍ଯ୍ୟନ୍ତ ସବୁ ଆଲୋଚନାରେ ନିଜର ପାରଦର୍ଶିତା ଦେଖେଇପାରନ୍ତି ।

ଏମାନେ ସମସ୍ତେ ବିବିଧ ବିଷୟରେ ପ୍ରାଜ୍ଞ, ବିଦ୍ୱାନ୍, ଜ୍ଞାନୀ । ବିନା ଅଶ୍ୱତ୍ଥଗଛ ତଳେ ତପସ୍ୟାରେ ଏମାନେ ବୁଦ୍ଧତ୍ୱ ପ୍ରାପ୍ତି କରିଛନ୍ତି ।

ସର୍ବଜାଣମାନେ ସେମାନଙ୍କ ରାୟ ଦେବାରେ କେବେ ହେଳା କରନ୍ତି ନାହିଁ କିମ୍ବା ଖରାପ ଲାଗିଲେ ବି ଶୁଣୁଥିବା ଲୋକର ଶୁଣିବା ପାଇଁ କେବେ ଉତ୍ସୁକତା କମ୍ ହୁଏନି । ମୁଁ ନିଜେ ଯେତିକି ଲୋକଙ୍କୁ ପାନ ଗୁଟ୍‌ଖାର ଭୟାବହତା ବିଷୟରେ ବୁଝେଇ ସାରିଲିଣି ତାକୁ କ୍ରମାନ୍ୱୟରେ ଲେଖିଲେ ଭାଷାକୋଷଠାରୁ ବି ମୋଟା




ଗ୍ରନ୍ଥ ହେବ । ନା ମୁଁ ନିଜେ ଛାଡ଼ିଛି ନା ମୋ କଥା ଶୁଣି ଅନ୍ୟ କେହି ଗୁଟ୍‌ଖା ଖାଇବା ଛାଡ଼ିଛନ୍ତି! ଯେମିତି ଯାଦୁଆକୁ କୁଣ୍ଡେଇ ହେଲା ପରେ କିଛି ସମୟ ପାଇଁ ଆରାମ ମିଳେ ସେମିତି ଭଲ ଶ୍ରୋତାଟିଏ ମିଳିଲେ ଏ ପ୍ରଜାତିର ସର୍ବଜାଣମାନେ ନିଜର ବାକ୍‌ଗଲୁକୁ କୁଣ୍ଡେଇ ଦେବା ପାଇଁ କେବେ କାର୍ପଣ୍ୟତା ଦେଖାନ୍ତି ନାହିଁ । ଜଣେ ଯେତେ ସତର୍କ ରହିଲେ ମଧ୍ୟ ଏମାନଙ୍କ ହାବୁଡ଼ରେ ପଡ଼ିବା ଥୟ । ନିଜର ଯାହାବି ଜରୁରୀ କାର୍ଯ୍ୟ ଥାଉ ନା କାହିଁକି ଏମାନଙ୍କଠାରୁ ଜୀବନ ଦର୍ଶନର ପୂରା କୋର୍ସ ନ ଶୁଣିବା ଯାଏ ସେଠୁ ଖସିବା ମୁସ୍କିଲ ।

ଏମିତି କେତେଜଣ ରାଜନେତା ସର୍ବଜାଣ ଅଛନ୍ତି ଯିଏ କହିଲା ବେଳେ ପାଟିରେ ବାଗୁଲି ବାଜେନି । କ'ଣ କହୁଛନ୍ତି, କାହିଁକି କହୁଛନ୍ତି, କାହାକୁ କହୁଛନ୍ତି ସେଥିପ୍ରତି ସେମନଙ୍କ ନଜର ନ ଥାଏ । ଆକାଶରୁ ଫୁଲ ତୋଳି ସେଥିରେ ମାଳା ଗୁନ୍ଥିପାରିବାର ସୂକ୍ଷ୍ମ କଳା ଏମାନଙ୍କୁ ଜଣା । ଏମାନେ ଭଞ୍ଜ ସାହିତ୍ୟ ଉପରେ ଭାଷଣ ଆରମ୍ଭ କରି ଶେଷରେ ତାଙ୍କ ସରକାରଙ୍କ ବିଶ୍ୱ ସ୍ତରୀୟ ଶୌଚାଳୟ ନିର୍ମାଣ ସହ ଉପେନ୍ଦ୍ର ଭଞ୍ଜଙ୍କ ରୀତି କବିତାର କିପରି ସାମଞ୍ଜସ୍ୟ ଅଛି ତାକୁ ଅତି ଚତୁର ଢଙ୍ଗରେ ବୁଝେଇ ପାରନ୍ତି । ପୃଥିବୀର ଏପରି କୌଣସି ବିଷୟ ନାହିଁ ଯାହା ଉପରେ ଏମାନେ ଅନର୍ଗଳ ଭାଷଣ ଦେଇ ନ ପାରିବେ । ଏ ପର୍ଯ୍ୟନ୍ତ ଜଣେ ବି ରାଜନେତାଙ୍କୁ ଭେଟିନି ଯିଏ ନମ୍ରତାର ସହ କହିବେ ଆପଣ ଯେଉଁ ଆଲୋଚନା ଚକ୍ରକୁ ମୋତେ ମୁଖ୍ୟ ଅତିଥି କରି ଡାକୁଛନ୍ତି ସେ ବିଷୟରେ ମୋର ଜ୍ଞାନ ନାହିଁ । ତଥାପି ମଞ୍ଚରେ ଭାଷଣ ଦେଲାବେଳେ ଏମାନଙ୍କର କେବେ କଣ୍ଠରୁଦ୍ଧ ହୁଏନି । କାରଣ ନେତା ଜାଣିଥାନ୍ତି ଯେ ତାଙ୍କୁ ଓ ତାଙ୍କ ଭାଷଣକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ ।

ସାମାଜିକ ଗଣମାଧ୍ୟମ ଏପରି ଏକ ମାଧ୍ୟମ ଯେଉଁଠି ରାୟ ଦେବାକୁ କିମ୍ବା ଶୁଣିବାକୁ କାହାର ଅଭାବ ନାହିଁ । ଥରେ ଜଣେ ବହୁ ପ୍ରଚାରିତ ସାହିତ୍ୟପ୍ରାଣ ଫେସ୍‌ବୁକରେ ଲେଖିଲେ ମୋତେ ଆଜି ଥଣ୍ଡା ଜ୍ୱର । ବାସ୍ ତା'ପରେ ଥଣ୍ଡା ଜ୍ୱରର ଚତୁଃପାର୍ଶ୍ୱର କ୍ରିୟା ପ୍ରତିକ୍ରିୟା, କ'ଣ ଖାଇବା ଉଚିତ ଅନୁଚିତ ଓ ଘରୋଇ ସହ ବିଦେଶୀ ଉପଚାରକୁ ମିଶେଇ ଶହେ ଉପରେ ମତ ଆସିଲା । ଜଣେ ଭଉଣୀ ଲେଖିଲେ ଭାଇ ଆପଣଙ୍କୁ ମୋ ରାଣ ଦେହର ଯତ୍ନ ନେବା ସହ ଉଷୁମ ପାଣି ପିଅନ୍ତୁ । କେହିଜଣେ ଲେଖିଲେ ସାର୍ ଏବେ ଔଷଧ ନେଇ ଯାଇଥାନ୍ତି ଯେ ହେଲେ ଗାଁକୁ ଚାଲିଆସିଛି । ସେପଟୁ ସାର୍ ଲେଖିଲେ ତୁମ ଗାଁରୁ ଆମ ସହରକୁ ଡାଇରେକ୍ଟ ବସ୍ ଅଛି ପଠେଇଦିଅ । ହାୟ ବ୍ୟସ୍ତତା ଯୋଗୁ ବୋଧେ ସର୍ବଜାଣ ଜଣଙ୍କ ସାରଙ୍କ ଉତ୍ତର ପଢ଼ି ନ ପାରି ନୀରବ ରହିଲେ । ମୁଁ ଭାବିଲି ପ୍ରଭାବୀ ସାହିତ୍ୟପ୍ରାଣଙ୍କୁ ମୋର ସମବେଦନା ଜଣେଇ ଟିକେ ତାଙ୍କ ପାଖେଇ ଯିବାର ଏହାହିଁ ପ୍ରକୃଷ୍ଟ ସମୟ । ସାରଙ୍କୁ ଫୋନ କଲି । ସେପଟୁ ସାର୍ କହିଲେ, ମୋ ଦେହ ଖରାପ, ତୁମକୁ ଏହି ସମୟ ମିଳିଲା ବ୍ୟଙ୍ଗ କରିବାକୁ । ମୁଁ କହିଲି ନାହିଁ ସାର୍ ଆପଣଙ୍କ ପ୍ରତି ଏତେ ସଂଖ୍ୟକ ପ୍ରତିଭାବାନ୍ ସାହିତ୍ୟିକା ସାହିତ୍ୟିକମାନଙ୍କ ଭଲ ପାଇବା ଦେଖି ମୁଁ ଅଭିଭୂତ । ଆପଣଙ୍କ ପୋଷ୍ଟରେ ଆସିଥିବା ସବୁ ପ୍ରକାର ଉପଚାରରେ ଆପଣ ସମ୍ପୂର୍ଣ୍ଣ ଭଲ ହୋଇଯିବେନି ନିଶ୍ଚେ । ସେପଟୁ ସାର୍ ଗମ୍ଭୀର ହୋଇ ଉତ୍ତର ଦେଲେ ନାହିଁ ଭଲ ହେଇନି । ମୁଁ ଦୁଃଖ ପ୍ରକାଶ କରି କହିଲି , ସାର୍ ସବୁ ସର୍ବଜାଣଙ୍କ ମନ୍ତବ୍ୟ ପଢ଼ିଲା ପରେ ଦେଖିଲି ସମୁଦାୟ ଚିକିତ୍ସା ଶାସ୍ତ୍ର ଭିତରୁ ଆଉ ମାତ୍ର ଗୋଟେ ଉପଚାର ବାକି ରହିଯାଇଛି । ଆପଣ ପୋଇ ରସରେ ଗୋଲମରୀଚ ଗୁଣ୍ଡ ମିଶେଇ ପିଅନ୍ତୁ ଶୀଘ୍ର ଉପଶମ ମିଳିବ । ସାର୍ ସେପଟୁ ରାଗରେ ଫୋନ କାଟିଦେଲେ । ମୋ ମନ ଦୁଃଖ ହୋଇଗଲା। ଏତେଲୋକ ଏତେପ୍ରକାର ଉପଚାର ବତେଇ ଧନ୍ୟବାଦ ପାଇଲେ ହେଲେ ମୋ ବେଳକୁ ଫୋନ କାଟିଦେଲେ ! ମୁଁ କ'ଣ କିଛି ଭୁଲ୍ କହିଲି କି? ତା'ପର ଦିନ ସାରଙ୍କ ଆଉ ଗୋଟେ ପୋଷ୍ଟ ଆସିଲା– 'ଏବେ ଆଉ ଜ୍ୱର ନାହିଁ କିନ୍ତୁ ମୁଣ୍ଡ ଭୀଷଣ ବିନ୍ଧୁଛି ।' ମୋ ପାଖରେ ସାହିତ୍ୟିକମାନଙ୍କ ମୁଣ୍ଡ ବିନ୍ଧା ପାଇଁ ଏକ ବହୁ ପରୀକ୍ଷିତ ଔଷଧ ଅଛି । ତାହା ଜଣେଇବାକୁ ସାରଙ୍କୁ ଫୋନ କଲାପରେ ଜାଣିଲି ସାର୍ ମୋ ନମ୍ବରକୁ ବ୍ଲକ୍ କରିଦେଇଛନ୍ତି । ହଉ ଛାଡ଼, ତାଙ୍କ ଭାଗ୍ୟରେ ଯଦି ମୋ ଠାରୁ ଉପାଦେୟ ରାୟ ନେବାର ନାହିଁ ତେବେ ମୋ ଭଳି ଜଣେ ନାମ୍ କା ବାସ୍ତା ଲେଖକ ଅଧିକ କ'ଣ ବା କରିପାରିବ !

– ବନମାଳୀ ଭବନ, ଖାନ୍‌ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଭାବବିନିମୟ ଓ ଯୋଗାଯୋଗର ଭାଷାମାଧ୍ୟମ

**ଡକ୍ଟର ନୃସିଂହ ଷଡ଼ଙ୍ଗୀ, ଚିନ୍ମୟ ପ୍ରକାଶନ, ବିନୋଦ ବିହାରୀ, କଟକ-୨, ମୂଲ୍ୟ- ୪୯୩ ଟଙ୍କା**


ଯୋଗାଯୋଗ ପ୍ରକ୍ରିୟା ବା ଭାବ-ବିନିମୟ କିପରି ଓଡ଼ିଆ ଭାଷାରେ ସହଜ, ସରଳ, ସଙ୍ଗତ ତଥା ସ୍ୱାଭାବିକ ଭାବେ ସମ୍ପନ୍ନ ହୋଇପାରିବ ତା'ର ସବିଶେଷ ଆଲୋଚନା ଏ ପୁସ୍ତକରେ କରାଯାଇଛି। ଭାବ ବିନିମୟ ଓ ଯୋଗାଯୋଗର ଭାଷା ମାଧ୍ୟମ ପୁସ୍ତକରେ ଲେଖକ ଷଡ଼ଙ୍ଗୀ ଯେଉଁ ଆଲୋଚନା ଓ ପର୍ଯ୍ୟାଲୋଚନା ତଥ୍ୟ ଓ ଚିତ୍ର ସହ କରିଛନ୍ତି ତାହା ଅତ୍ୟନ୍ତ ଉପଯୋଗୀ ସୁଖପାଠ୍ୟ। ଭାଷା କିପରି ଭାବ ବିନିମୟରେ ସହାୟକ ହୋଇପାରିବ ସେ ସମ୍ପର୍କରେ ପୁସ୍ତକରେ ବିସ୍ତୃତ ଆଲୋଚନା କରାଯାଇଛି। ପୁସ୍ତକଟି ଅନେକ ଉପଯୋଗୀ ହୋଇପାରିବ ବୋଲି ଆଶା।



### ଫଳ ପନିପରିବାର ଔଷଧୀୟ ଗୁଣ

**ସଂକଳକ-ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ ଶ୍ରୀମତୀ ପ୍ରବାସିନୀ ଷଡଙ୍ଗୀ, ସର୍ଜନା, ପାଣିଗ୍ରାହୀ ସାହି ଗୋସାଇଁନୂଆଗାଁ, ବ୍ରହ୍ମପୁର-୩ , ମୂଲ୍ୟ-୧୩୦ଟଙ୍କା**

ଫଳ ପନିପରିବାର ଔଷଧୀୟ ଗୁଣ ପୁସ୍ତକର ସଂକଳକ ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ ଓ ଶ୍ରୀମତୀ ପ୍ରବାସିନୀ ଷଡଙ୍ଗୀ । ଏଥିରେ ଫଳ ଓ ପନିପରିବାର ଔଷଧୀୟ ଗୁଣ କ'ଣ ରହିଛି ସେ ଉପରେ ସଂକଳକ ଦ୍ୱୟ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ୯୧ ଫଳ ଓ ପନିପରିବା ଉପରେ ଏଥିରେ ଆଲୋଚନା ହୋଇଛି। ଏଗୁଡିକ ଆମେ ଖାଇବା ଦ୍ୱାରା ଆମକୁ କ'ଣ ଉପକାର ମିଳି ଥାଏ ସେ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଯାଇଛି । ପୁସ୍ତକଟି ଆୟୁର୍ବେଦ ଶାସ୍ତ୍ରର ଏକ ଅନନ୍ୟ ଗ୍ରନ୍ଥ ଭାବେ ବିବେଚିତ ହେବ ବୋଲି ଆଶା ରଖେ।



### ଢୁଲିଆପଡ଼ା ହାଟର ଲୋକମାନେ

**ସିଦ୍ଧେଶ୍ୱର ପଣ୍ଡା**

**ପ୍ରକାଶକ-କାବ୍ୟଲୋକ, ଲୁଇସରୋଡ ଗ୍ୟାରେଜ ଛକ, ଭୁବନେଶ୍ୱର-୨, ମୂଲ୍ୟ-୨୦୦ଟଙ୍କା**

ଢୁଲିଆପଡ଼ା ହାଟର ଲୋକମାନେ ସିଦ୍ଧେଶ୍ୱର ପଣ୍ଡାଙ୍କ କବିତା ପୁସ୍ତକ। ଏଥିରେ ୬୧ କବିତା ରହିଛି। କବିତାଗୁଡିକରେ ସାଧାରଣ ଲୋକଙ୍କ ଦୁଃଖ କଥା କବି ବର୍ଣ୍ଣନା କରୁଛନ୍ତି। ମଣିଷର ଯନ୍ତ୍ରଣା ଆଉ ତା'ର ଦୁର୍ଭାଗ୍ୟକୁ ନେଇ ପ୍ରାୟ କବିତା ଲେଖାଯାଇଛି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଏବେବି ଜନଜାତି ଜୀବନ ସେଇ ଜଙ୍ଗଲ, ଲଙ୍ଗଣ, ଚିରା ଫଟା ଲୁଗାରେ ବିତୁଥିବା କଥା କବି କହିଛନ୍ତି। କବି ବାସ୍ତବଧର୍ମୀ ହେବାକୁ କହୁଛନ୍ତି। ବାସ୍ତବରେ ପୁସ୍ତକରେ ସ୍ଥାନିତ ପ୍ରତ୍ୟେକ କବିତା ବେଶ୍ ମନଛୁଆଁ।



# ଲମ୍ୱା କେଶ ଦେଖି ଭାବିବେନି ଝିଅ

ସୁନ୍ଦର ଲମ୍ୱା କେଶ ପାଇବା ସବୁ ଝିଅଙ୍କର ଇଛା ଥାଏ । ତେଣୁ ସେମାନେ କେଶର ବହୁତ ଯତ୍ନ ନିଅନ୍ତି । ତଥାପି ଅନେକ ସମୟରେ ସୁନ୍ଦର, ଘନ ଲମ୍ୱା କେଶ ମିଳିବା ସମ୍ଭବ ହୋଇ ନ ଥାଏ । ଏମିତିରେ ଉତ୍ତର ପ୍ରଦେଶର ୧୫ ବର୍ଷୀୟ ସିଦକଦୀପ ସିଂ ଚହଲଙ୍କ କେଶକୁ ଦେଖିଲେ ତ ଝିଅମାନେ ବହୁତ ଈର୍ଷା କରିବେ । କାରଣ ତାଙ୍କ କେଶ ଏତେ ଲମ୍ୱା ଯେ, ପଛପଟୁ ଦେଖିଲେ ସେ ସୁନ୍ଦର କେଶ ଥିବା ଯୁବତୀ ଭଳି ଲାଗନ୍ତି । ସଦକଦୀପ ଶିଖ୍ ସମ୍ପ୍ରଦାୟର । ଏହିଧର୍ମରେ ପୁରୁଷଙ୍କ କେଶ କାଟିବା ମନା । ତେଣୁ ସଦକଦୀପ କେଶ କାଟନ୍ତି ନାହିଁ । ଆଉ ତାଙ୍କ କେଶ ବି ଏତେ ଭଲ ଭାବେ ବଢେ ଯେ, ତାହା ତାଙ୍କ ଆଣ୍ଠୁରୁ ତଳ ପର୍ଯ୍ୟନ୍ତ ଲମ୍ୱି ଗଲାଣି । ଯାହାକି ୧୪୭ ସେ.ମି ଲମ୍ୱ ଅଟେ । ତେଣୁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ଲମ୍ୱା କେଶଥିବା କିଶୋରଭାବେ ସେ ସ୍ଥାନ ପାଇଛନ୍ତି । ସଦକଦୀପଙ୍କ ଲମ୍ୱା କେଶର ଯତ୍ନ ତାଙ୍କ ମା' ନିଅନ୍ତି । ସେ ପୁଅର କେଶକୁ ସପ୍ତାହରେ ଦୁଇଥର ସଫା କରିଥାଆନ୍ତି । କେଶକୁ ସଫା କରିବା, ସୁଖାଇବା, କୁଣ୍ଡାଇବାରେ ତାଙ୍କୁ ଏକ ଘଣ୍ଟା ସମୟ ଲାଗିଥାଏ । ପରେ ସେ ପୁଅର କେଶକୁ ଗଣ୍ଠି କରି ପଗଡ଼ି ପିନ୍ଧାଇ ଦିଅନ୍ତି । ସଦକଦୀପଙ୍କ ପରିବାରର ଅନ୍ୟ କୌଣସି ପୁରୁଷଙ୍କର କେଶ ଏତେ ଲମ୍ୱା ନୁହେଁ । ତେଣୁ ତାଙ୍କ କେଶକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୁଅନ୍ତି ।





# ୯୫ ବର୍ଷୀୟା ସୁପର୍ ମଡେ଼ଲ

ମଡେଲିଂର ଗ୍ଲାମର୍ସ ଜଗତରେ ୟଙ୍ଗ, ସ୍ମାର୍ଟ ଓ ସୁନ୍ଦର ମଡେଲଙ୍କୁ ପ୍ରାଧାନ୍ୟ ଦିଆଯାଏ । ଯେଉଁ ମଡେଲ ଯେତେ ମେଣ୍ଟେନ କରି ନିଜର ଯୌବନକୁ ଧରି ରଖିପାରନ୍ତି ସେ ଏହି ଦୁନିଆରେ ତିଷ୍ଠିପାରନ୍ତି । ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଡାଫ୍‌ନେ ସେଲ୍‌ଫ ନାମ୍ନୀ ଜଣେ ବ୍ରିଟିଶ ମଡେଲ ୯୫ ବର୍ଷ ବୟସରେ ପହଞ୍ଚିଥିଲେ ମଧ୍ୟ ଆଜି ବି ସୁପର୍ ମଡେଲ ହୋଇ ରହିଛନ୍ତି । ଫଳରେ ସେ ପୃଥିବୀର ସବୁଠାରୁ ବୟସ୍କା ସୁପର୍ ମଡେଲ ଭାବେ ପରିଚିତ ହେଉଛନ୍ତି । ୭୦ ବର୍ଷରୁ ଊର୍ଦ୍ଧ୍ୱ ହେଉଛି ତାଙ୍କ ମଡେଲିଂ କ୍ୟାରିୟର । ସେ ପୃଥିବୀର ଅନେକ ବଡ଼ ବଡ଼ ବ୍ରାଣ୍ଡ ପାଇଁ କାମ କରିଛନ୍ତି । ଆଉ ଫ୍ୟାଶନ ଜଗତରେ ବୟସ୍କା ମହିଳାଙ୍କ ପ୍ରତୀକ ଭାବେ ତାଙ୍କୁ ଗ୍ରହଣ କରାଯାଏ । ମଡେଲିଂ ଜଗତର ପରମ୍ପରାଗତ ଧାରଣାକୁ ବଦଳାଇଥିବା ଡାଫ୍‌ନେ ନିଜ ଅନୁଭୂତି ସମ୍ପର୍କରେ କୁହନ୍ତି, 'ପୂର୍ବେ ଲଣ୍ଡନ ଫ୍ୟାଶନ ଉଇକ୍ ହେଉ ନ ଥିଲା । ଆମେ କେବଳ ବଡ଼ ବଡ଼ ଷ୍ଟୋର୍‌ରେ କ୍ୟାଟ୍ ୱାକ କରୁଥିଲୁ । ଆଉ ଏକ କଥା ଏହି ଜଗତରେ ତିଷ୍ଠି ରହିବାକୁ ହେଲେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ନିହାତି ଜରୁରୀ । କାରଣ ସଫଳ ମଡେଲ ହେବା ପାଇଁ ବହୁତ ପରିଶ୍ରମ କରିବାକୁ ପଡେ ।' ଏ ବୟସରେ ବି ଡାଫ୍‌ନେ ନିଜକୁ ଫିଟ୍ ରଖିବା ଲାଗି ବ୍ୟାୟାମ, ଯୋଗ ଓ ସାଇକେଲିଂ କରନ୍ତି ।







# ଟୁ ଇନ୍ ୱାନ ବ୍ୟାକ୍‌ପ୍ୟାକ୍





ସ୍କୁଲ, କଲେଜ ହେଉ ଅବା ଅଫିସ୍ କିମ୍ବା ଆଉଟିଂ । ଯେଉଁଆଡେ ଗଲେ ବି ବ୍ୟାକ୍‌ପ୍ୟାକ୍‌ର ଆବଶ୍ୟକତା ପଡ଼େ । ଏଥିରେ ଅନେକ ଜରୁରୀ ଜିନିଷ ଆରାମରେ ରହିପାରେ । ଆଉ ଏହାକୁ ପିଠିପଟେ କ୍ୟାରି କଲେ ବିଶେଷ କଷ୍ଟ ବି ହୁଏନା । ତେଣୁ ଏହାର ଚାହିଦା ବହୁତ ରହିଛି । ତେବେ ଜାଣି ଖୁସି ହେବେ ଏବେ ଏମିତି ଏକ ବ୍ୟାକ୍‌ପ୍ୟାକ୍ ତିଆରି ହୋଇଛି, ଯେଉଁଥିରେ ଏକ ବହୁତ ଭଲ ବୈଶିଷ୍ଟ୍ୟ ଯୋଡି ହୋଇଛି । ସେ ହେଉଛି ଏହି ବ୍ୟାକ୍‌ପ୍ୟାକ ଏକ ଚେୟାରର କାମ ବି କରିବ । ଅର୍ଥାତ୍ ଉକ୍ତ ବ୍ୟାକ୍‌ପ୍ୟାକ୍‌ରେ ଆବଶ୍ୟକୀୟ ଜିନିଷ ରହିବା ସହ ଏହା ଏକ ପ୍ରକାରର ଫୋଲ୍ଡିଂ ଚେୟାର ଭଳି ମଧ୍ୟ କାମ କରିବ । ଯାହାକୁ କି ଆବଶ୍ୟକସ୍ଥଳେ ଖୋଲି ଚେୟାର ଭାବେ ବ୍ୟବହାର କରିହେବ । ତେଣୁ ଏହାକୁ ଟୁ -ଇନ୍ - ୱାନ ଚେୟାର କୁହାଯାଉଛି । କୌଣସି ସ୍ଥାନରେ ବସିବାର ସୁବିଧା ନ ଥିଲେ ଏହି ବ୍ୟାକ୍‌ପ୍ୟାକ୍ ଆପଣଙ୍କର ବହୁତ କାମରେ ଲାଗିବ । ବସ୍‌ଷ୍ଟପ୍‌ରେ ବସ୍‌କୁ ଅପେକ୍ଷା କରି କରି ହାଲିଆ ହୋଇଗଲେ ଏହାକୁ ଖୋଲି ବସିପାରିବେ ।

